THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର

୧୬ ପୃଷ୍ଠା

ମନୋରଞ୍ଜନ | ରବିବାର ମ୍ୟାଗାଜିନ୍ | ରବିବାର, ୧୧ ଜାନୁଆରୀ,୨୦୨୬



ଓଡ଼ିଆ ଫିଲ୍ମ 'ଚ୍ୟାଲେଞ୍ଜ' ଟିଭି ପ୍ରିମିଅର



## ଗଣପର୍ବ

# ମକର

# ଶ୍ରୀ ରାମକୃଷ୍ଣ ଚରିତାମୃତ(୨୮)

ମନୋଜ କୁମାର ମହାପାତ୍ର



ବିଭିନ୍ନ ସମ୍ପ୍ରଦାୟର ଲକ୍ଷ୍ୟ ଏକ ଈଶ୍ୱରଙ୍କୁ ପାଇବା ପାଇଁ ବିଭିନ୍ନ ମାର୍ଗ ଥାଏ। କଲିକତାର କାଳୀଘାଟର ମା’-କାଳୀଙ୍କ ମନ୍ଦିର ପାଖରେ ପହଞ୍ଚିବା ପାଇଁ ଅନେକ ରାସ୍ତା ଅଛି। ଠିକ୍ ସେହିପରି ଭଗବାନଙ୍କ ପାଖରେ ପହଞ୍ଚିବା ପାଇଁ ବିଭିନ୍ନ ପଥ ରହିଛି। ଦେଖିବାକୁ ଗଲେ, ପ୍ରତ୍ୟେକ ଧର୍ମ କିଛି ବି ନୁହେଁ ମାତ୍ର ଗୋଟିଏ ଲେଖାଏଁ ପଥ ମାତ୍ର।

ମନ ଓ ବୁଦ୍ଧି ଏବଂ ବିଚାର ଦ୍ୱାରା ଅଧିକରୁ ଅଧିକ ବିଶିଷ୍ଟାଦ୍ୱୈତ ପର୍ଯ୍ୟନ୍ତ ଯାଇପାରିବା କିନ୍ତୁ ତାହା ତା’ଠୁ ଅଧିକା ଯାଇହେବନି। କିନ୍ତୁ ପୂର୍ଣ୍ଣତ୍ୱ ପ୍ରାପ୍ତି ପରେ ବ୍ରହ୍ମ ଓ ଜଗତ ଉଭୟେ ସମାନ ସତ୍ୟ ସମ ପ୍ରତୀତ ହୁଅନ୍ତି। ଈଶ୍ୱରଙ୍କ ନାମ ଏବଂ ତାଙ୍କର ଧାମ ଓ ସେ ସ୍ୱୟଂ ଏକ ହିଁ ଚିନ୍ମୟୀ ତତ୍ତ୍ୱ ଦ୍ୱାରା ନିର୍ମିତ ବୋଲି ପ୍ରତିଭାତ ହୁଅନ୍ତି। ପ୍ରତ୍ୟେକ ବସ୍ତୁ ବ୍ରହ୍ମମୟ କିନ୍ତୁ ପାର୍ଥକ୍ୟ କେବଳ ରୂପରେ ଥାଏ।

ଅଦ୍ୱୈତ ଆତ୍ମଜ୍ଞାନର ହିଁ ପରାକାଷ୍ଠା। ସେ କେବଳ ସମାଧି ଦ୍ୱାରା ଅନୁଭୂତ ହେଇପାରନ୍ତି। କାହିଁକି ନା ସେ ମନ ଓ ବାଣୀର ଅତୀତ।

ଏମନ୍ତ ସକଳ ଆଧ୍ୟାତ୍ମିକ ଉପଲବ୍ଧି ଲାଭ କରିବା ଉତ୍ତାରୁ ଏବେ ଶ୍ରୀ ରାମକୃଷ୍ଣଙ୍କର ପୂର୍ଣ୍ଣ ବିଶ୍ୱାସ ଜାତହେଲା ଯେ ସମସ୍ତ ଅସାଧାରଣ ଆଧ୍ୟାତ୍ମିକ ସଂଘର୍ଷ ଏବଂ ଉପଲବ୍ଧି ତାଙ୍କ ନିଜ ପାଇଁ କେବଳ ଉଦ୍ଦିଷ୍ଟ ନଥିଲା ବରଂ ଆଧ୍ୟାତ୍ମିକ ଜାଗରଣର ଏକ ନୂଆଯୁଗର ସେ ଉଦ୍‌ଘୋଷକ ଥିଲେ। ସେ ସମଗ୍ର ମାନବ ସମାଜକୁ ଜଣାଇ-ଦେବାର ଥିଲା କି ଈଶ୍ୱରାନୁଭୂତିର ମାର୍ଗରେ ଉପୁଜୁଥିବା ବାଧା-ବିଘ୍ନର ସମାଧାନ କିପରି କରାଯାଇ ସଫଳତା ଲାଭ କରିବାକୁ ହେବ। ସେ ଜାଣିପାରିଲେ ଯେ ସେ ଈଶ୍ୱରାବତାର ଅଟନ୍ତି। କିନ୍ତୁ ସେ କାହାକୁ ଏ କଥା କହିବା ପାଇଁ ପସନ୍ଦ କଲେନି।

ପୂର୍ବରୁ କୁହାଯାଇଛି ଯେ ଶ୍ରୀ ରାମକୃଷ୍ଣ ଆମାଶୟରେ ଆକ୍ରାନ୍ତ ହେବା ପରେ ବହୁତ ଦୁର୍ବଳ ହୋଇଯାଇଥିଲେ। ତେଣୁ ସ୍ୱାସ୍ଥ୍ୟଲାଭ ନିମନ୍ତେ ସେ ହୃଦୟ ଓ ଭୈରବୀ ବ୍ରାହ୍ମଣୀଙ୍କୁ ସାଥିରେ ନେଇ ୧୮୬୭, ମେ’ ମାସରେ କାମାରପୁକୁରକୁ ଯାତ୍ରା କରିଥିଲେ। ସେଠାରେ ସେ ୬/୭ ମାସ ରହିଥିଲେ। ଦକ୍ଷିଣେଶ୍ୱରରେ କୃଚ୍ଛ୍ର-ସାଧନା ପରେ ଗାଁର ସରଳ ପ୍ରକୃତିର ଲୋକମାନଙ୍କର ସୁଖ ଦୁଃଖରେ ସମ୍ମିଳିତ ହେବା ଫଳରେ ସେ ବହୁତ ଶାନ୍ତି ଲାଭ କଲେ। ତାଙ୍କର ବାଳିକା-ବଧୂ ସାରଦାଦେବୀ ସେହି ସମୟରେ ତାଙ୍କ ପିତାଙ୍କ ଘର ଜୟରାମବାଟୀରେ ରହୁଥିଲେ। ଶ୍ରୀ ରାମକୃଷ୍ଣଙ୍କର କାମାରପୁକୁର ଆସିବାର କିଛି ଦିନ ପରେ ତାଙ୍କୁ ପିତ୍ରାଳୟରୁ ନେଇଆସିଲେ। ସାରଦାଦେବୀ ଯିଏ ପରବର୍ତ୍ତୀ କାଳରେ ଶ୍ରୀ ରାମକୃଷ୍ଣଙ୍କର ଭକ୍ତମଣ୍ଡଳୀରେ ଶ୍ରୀ-ମା’ ରୂପରେ ପରିଚିତ ହୋଇଥିଲେ, ସେ ଆସି କାମାରପୁକୁରରେ ପହିଞ୍ଚିଲେ।

ଏବେ ଶ୍ରୀ ରାମକୃଷ୍ଣଙ୍କ ସମ୍ମୁଖରେ ନିଜର ଉପଲବ୍ଧିର ପରୀକ୍ଷାର ଅବସର ଉପସ୍ଥିତ ହେଲା। ଚଉଦ ବର୍ଷୀୟା ପତ୍ନୀ ଉପରେ ସମୁଚିତ ଅଧିକାର ପ୍ରଦାନ କରି ସେ ନିଜକୁ ଅଗ୍ନିପରୀକ୍ଷାରେ ସମର୍ପିତ କରିଦେଲେ। ଏବଂ ସେ ଉକ୍ତ ଅଗ୍ନିପରୀକ୍ଷାରୁ ଦେଦୀପ୍ୟମାନ ହେଇ ବାହାରି ଆସିଲେ। ସେ ବିଶେଷ ଧ୍ୟାନ ରଖୁଥିଲେ ଯେ ସାରଦାମଣି ଗୃହକାର୍ଯ୍ୟର ସବୁ ପ୍ରକାରେ ନିପୁଣା ହୁଅନ୍ତୁ। ସାରଦାଦେବୀ ନିଜର ସନ୍ଥ-ପତିଙ୍କ ଠାରୁ ପୂତ ନିଃସ୍ୱାର୍ଥ ପ୍ରେମ ପାଇ ମୁଗ୍ଧ ହେଇଗଲେ। ସେ ତାଙ୍କ ନିଜର ଇଷ୍ଟ ମାନି, ତାଙ୍କର ପଦଚିହ୍ନର ଅନୁସରଣ କରି ନିଜର ଚରିତ୍ର ବିକଶିତ କରିବାରେ ଅତୀବ ସନ୍ତୋଷ ଅନୁଭବ କଲେ। ଶ୍ରୀ ରାମକୃଷ୍ଣ ତାଙ୍କୁ କେବଳ ଆଧ୍ୟାତ୍ମିକତା ଶିକ୍ଷା ଦେଲେନାହିଁ, ବରଂ ସମସ୍ତ ଐହିକ ବସ୍ତୁରେ ବି ଯେଉଁଥିରେ ସେ ଏକ ଆଦର୍ଶ ଗୃହିଣୀ ହୋଇପାରିବେ। କିନ୍ତୁ ପତ୍ନୀଙ୍କ ପ୍ରତି ତାଙ୍କର କର୍ତ୍ତବ୍ୟପରାୟଣତା ଭୈରବୀ ବ୍ରାହ୍ମଣୀଙ୍କୁ ପସନ୍ଦ ହେଲାନି। ବୋଧହୁଏ ତାଙ୍କର ଭୟ ହେଲା ଯେ ଶ୍ରୀ ରାମକୃଷ୍ଣଙ୍କର ସାଧୁ ଜୀବନ ବିପଦରେ ପଡ଼ିପାରେ। କିନ୍ତୁ ଶ୍ରୀ ରାମକୃଷ୍ଣ ତାଙ୍କର ଆପତ୍ତି ଉପରେ ଧ୍ୟାନ ଦେଲେ ନାହିଁ। ସେ ଅବିଚଳିତ ରହିଲେ ଏବଂ ଭୈରବୀ ପ୍ରତି ଶ୍ରଦ୍ଧାନ୍ୱିତ ରହିଲେ। ମିଥ୍ୟା ଅହଂକାରରେ ବଶୀଭୂତ ହୋଇ ଭୈରବୀ ବ୍ରାହ୍ମଣୀ ନିଜର ଉପଲବ୍ଧି ସତ୍ତ୍ୱେ ନିଜ ଉପରେ ନିୟନ୍ତ୍ରଣ ରଖି ପାରିଲେନି। ଅବଶ୍ୟ ସେ ପରେ ନିଜର ଭୁଲ୍ ବୁଝିପାରିଲେ। ଦିନେ ଚନ୍ଦନର ଲେପ ଓ ଫୁଲମାଳ ଧରି ଶ୍ରୀ ରାମକୃଷ୍ଣଙ୍କ ପାଖେ ପହଞ୍ଚିଲେ। ବଡ଼ ଯତ୍ନର ସହିତ ସେ ଫୁଲମାଳା ତିଆରି କରିଥିଲେ। ଶ୍ରୀ ଚୈତନ୍ୟଙ୍କ ରୂପରେ ଶ୍ରୀ ରାମକୃଷ୍ଣଙ୍କୁ ଅବତାର ଭାବରେ ଫୁଲ, ଫୁଲମାଳ ଓ ଚନ୍ଦନ ଦେଇ ସଜାଇଲେ ଏବଂ ତାଙ୍କ ପାଖରୁ କ୍ଷମା ମାଗି କାମାରପୁକୁର ଠାରୁ ବିଦାୟ ନେଲେ। ଗ୍ରାମର ଶାନ୍ତିମୟ ସୁଖଦ ବାତାବରଣରେ ଦୀର୍ଘ ସମୟ ଅବସ୍ଥାନ ଫଳସ୍ୱରୂପଃ ସେ ଶ୍ରୀ ରାମକୃଷ୍ଣଙ୍କର ଭଗ୍ନ ସ୍ୱାସ୍ଥ୍ୟ ପୁନର୍ବାର ଲେଉଟି ଆସିଲା ଏବଂ ସେ ହୃଦୟଙ୍କ ସାଥିରେ ଦକ୍ଷିଣେଶ୍ୱର ଫେରି ଆସିଥିଲେ।

(କ୍ରମଶଃ) ଫୋନ୍-୯୯୩୭୨୯୭୦୩୯

# ସ୍ଥିରତା ଓ ଅସ୍ଥିରତା



ଜୀବନର ସ୍ଥିରତା ଓ ଅସ୍ଥିରତାକୁ ନେଇ ରହିଛି ଅନେକ କଥା। ଜୀବନ କେବେ ସ୍ଥିରତା ମଧ୍ୟରେ ରହି ନପାରେ ବରଂ ବିଚାରର ସ୍ଥିରତା ରହିବା ଦରକାର। ଅନେକ ସମୟରେ ଲୋକମାନେ ଛୋଟ ଛୋଟ କଥାକୁ ନେଇ ବିଚଳିତ ହୋଇପଡ଼ିଥାନ୍ତି, ଫଳରେ ସେହି ଘଟଣା ଅନେକ ଦିନଯାଏ କଷ୍ଟ ଦିଏ। କିନ୍ତୁ ଯେତିକି ସମୟ ଏହି କଥାକୁ ନେଇ ବିଚଳିତ ହୁଅନ୍ତି, ସେତିକି ସମୟ ତ ନଷ୍ଟ ହୁଏ, ତା’ ସହିତ ଅନେକ କାମ ବି କରିପାରନ୍ତି ନାହିଁ। ସାଧାରଣଜୀବନରେ ପ୍ରାୟ ସମସ୍ତେ ଧନ ପାଇଁ ଯେମିତି ବିଚଳିତ ବା ଅସ୍ଥିର ହୋଇପଡ଼ନ୍ତି, ଜ୍ଞାନ ପାଇଁ ହୁଅନ୍ତି ନାହିଁ। ଧନ ଏକ ଅସ୍ଥିରତା, ଏହା ଠିକ୍ କିନ୍ତୁ ଏହାପଛରେ ଯେଉଁ ହଜାର ହଜାର କଥା ଆସେ ସବୁ ବିଷୟଗୁଡ଼ାକ ମଣିଷକୁ ଆହୁରି ବ୍ୟସ୍ତ ସାଙ୍ଗକୁ ଅସ୍ଥିର ମଧ୍ୟ କରିଦିଏ। ଜ୍ଞାନ ହେଉଛି, ଏହାର ଓଲଟା। ଲୋକଟିଏ ଯେତେ ଜ୍ଞାନ ଆହରଣ ପଛରେ ଧାଏଁ, ସେତେବେଳେ ସବୁ ଜିନିଷର ଭଲମନ୍ଦ ଜାଣିବା ସହ ନିଜକୁ ସ୍ଥିରତା ଆଡ଼କୁ ନେଇଯାଏ। ସାମୟିକ କିମ୍ବା ବିଷୟଯୁକ୍ତ କୌଣସି କଥା ଏତେ ସହଜରେ ବିଚଳିତ କରିପାରେନାହିଁ। ଭାବେ ଦୁନିଆର ସବୁ ଜିନିଷ କ୍ଷଣସ୍ଥାୟୀ। ଏହି କ୍ଷଣସ୍ଥାୟୀ ମଧ୍ୟରୁ ଯଦି କିଛି ହଜିଗଲା ବା କ୍ଷତି ହୋଇଗଲା, ସେ କଥା ଭାବି ମନ ଦୁଃଖ କରିବା ଉଚିତ ନୁହେଁ । ଆଜି ଯେଉଁଠା କ୍ଷତି ହୋଇଛି, ଏହା ଆଜି ନହେଲେ ବି କାଲି କ୍ଷତି ହେବାର ଥିଲା। ତେଣୁ ମନ ଦୁଃଖ କରିବାର ଆବଶ୍ୟକତା କଣ ? ଧନ ଓ ଜ୍ଞାନ ମଧ୍ୟ ବିପରିତ ଦିଗ ବୋଲି ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିବା ଉଚିତ ନୁହେଁ। ଯେଉଁମାନେ ଧନ ଉପାର୍ଜନ କରୁଛନ୍ତି, ଜ୍ଞାନ ନାହିଁ ବା ଜ୍ଞାନ ଆହରଣ କରିବା ପାଇଁ ଚେଷ୍ଟା କରୁନାହାନ୍ତି, ତା’କହିଲେ ବି ଭୁଲ ହୋଇଯିବ। ବିଚାରରେ ଏସବୁ ଏକ କରିବା ହେଉଛି ପ୍ରକୃତ ଜ୍ଞାନୀଲୋକର କର୍ତ୍ତବ୍ୟ। ଧନୀ ଆମେ ତ ସେହିମାନଙ୍କୁ କହିପାରିବା, ଯେଉଁମାନେ ଜ୍ଞାନକୁ ନିଜ ଆୟତ୍ତରେ ରଖି ସତ୍ ଉପାୟରେ ଉପାର୍ଜନ କରୁଛନ୍ତି। ଥରେ ଜ୍ଞାନକୁ ଆୟତ୍ତ କରିନେଲେ ଧନୀ ହେବା କିଛି କଷ୍ଟ ହୁଏନାହିଁ। ନିଜକୁ ସୁଖୀ ରଖିବାକୁ କିମ୍ବା ଜୀବନଧାରଣ କରିବାକୁ ଯଦି ଧନ ଉପାର୍ଜନ କରିବାକୁ ହୁଏ, ତା’ହେଲେ ଜ୍ଞାନ ବଳରେ ଆବଶ୍ୟକତା ଅନୁସାରେ ଉପାର୍ଜନ କରି ଖୁସି ହୋଇପାରିବା। ଜ୍ଞାନ ମଣିଷକୁ ଲୋଭୀ କରାଏ ନାହିଁ ବରଂ ମଣିଷକୁ ସଞ୍ଜତ କରାଏ, ସଚେତନ କରାଏ। ତା’ହେଲେ ଏତେ ସମସ୍ୟା ମଧ୍ୟରେ ଛନ୍ଦି ହୋଇ କାହିଁକି ଧନ ଖୋଜିବା ନାଁରେ ଜୀବନର ଅର୍ଥକୁ ବଦଳେଇ ଦେଇ ଅସୁଖୀ ହେବା! ବରଂ ସୁଖୀ ହେବାର ବାଟ ଟିକକ ଖୋଜିପାରିଲେ, ଜୀବନର ଯେଉଁ ସାର୍ଥକତା ମିଳିବ, ସେତେବେଳେ ମଣିଷ ନିଜ ବିଚାରରେ ସ୍ଥିର ହୋଇଯିବ।

ପ୍ରଚ୍ଛଦ

# ଗଣପର୍ବ ମକର



ଦିଲ୍ଲୀପ ଶତପଥୀ

**ସୂର୍ଯ୍ୟ ସକଳ ଶକ୍ତିର ଆଧାର। ଭାରତ ସହିତ ବହୁତ ଦେଶରେ ସୂର୍ଯ୍ୟଙ୍କୁ ଦେବତା ଭାବରେ ପୂଜା କରାଯାଏ। ଭାରତବର୍ଷରେ ମଧ ବହୁତ ପର୍ବପର୍ବାଣି ସୂର୍ଯ୍ୟ, ଚନ୍ଦ୍ର ଆଦି ଗ୍ରହ ଉପଗ୍ରହ, ନକ୍ଷତ୍ରମାନଙ୍କୁ ନେଇ ପାଳନ କରାଯାଇଥାଏ। ସଂକ୍ରାନ୍ତି ହେଉଛି ସୂର୍ଯ୍ୟଙ୍କର ସଂକ୍ରମଣ ଅର୍ଥାତ ଏକ ରାଶିରୁ ଅନ୍ୟ ରାଶିକୁ ଚଳନ/ଗମନ କରିବାର ଦିନ। ମକର ସଂକ୍ରାନ୍ତି ସେହିପରି ଏକ ଦିନ ଯେଉଁଦିନ ସୂର୍ଯ୍ୟ ଧନୁ ରାଶିରୁ ମକର ରାଶିକୁ ଗମନ କରିଥାନ୍ତି। ଏହାକୁ ଦିବାକରଙ୍କର ଉତ୍ତରାୟଣ ଗତି କୁହନ୍ତି। ମଣିଷର ବିଶ୍ୱାସ ହେଉଛି ଆସ୍ଥା ଏବଂ ଆସ୍ଥା ସଂସ୍କୃତିର ଏକ ମୂଳ ସମ୍ବଳ। ନାନାବିଧ ମାହାତ୍ମ୍ୟ ତଥା ଅନେକ ରହସ୍ୟର ଗନ୍ତାଘର ଏହି ସୁବର୍ଣ୍ଣ ମେଖଳା ଭାରତ ଭୂମି ଯାହାର ପ୍ରତିଟି ବିଷୟବସ୍ତୁ ବିଭିନ୍ନ ପର୍ବପର୍ବାଣୀ ସହିତ ରହିଛି ସମ୍ପର୍କ। ଭାରତୀୟ ସଂସ୍କାର, ସଂସ୍କୃତି, ପରମ୍ପରା ସେଥିପାଇଁ ବିଶ୍ୱବିଖ୍ୟାତ ଏବଂ ବିଶ୍ୱବିଦିତ। ସେଥିପାଇଁ ଭାରତ ପାଇଛି ବିଶ୍ୱଗୁରୁର ମାନ୍ୟତା। ଭାରତୀୟ ପର୍ବପର୍ବାଣୀ କେବଳ ଲୋକଙ୍କ ବିଶ୍ୱାସକୁ ଆଧାର କରି ଉପଜୀବ୍ୟ ହୋଇନାହିଁ ବରଂ ଏହା ପଛରେ ବୈଜ୍ଞାନିକ, ସାମାଜିକ ଓ ସାଂସ୍କୃତିକ ଭାବାବେଗ।**

ପ୍ରତିଟି ସଂକ୍ରାନ୍ତି ଦିନ ସୂର୍ଯ୍ୟ ଗୋଟିଏ ଗୋଟିଏ ରାଶିକୁ ଚଳନ କରି ଏକ ମାସ ଅବସ୍ଥାନ କରନ୍ତି। ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟ ମକର ରାଶିରେ ଅବସ୍ଥାନ କରନ୍ତି । ଓଡ଼ିଆରେ ପ୍ରବାଦ ଅଛି 'ମକରରୁ ଦିନ ବକର ହୁଏ' ଅର୍ଥାତ ଦିନ ଧୀରେ ଧୀରେ ବଡ଼ ହୁଏ ଏବଂ ଦିବାକରଙ୍କ ତେଜ ପ୍ରଖର ହୁଏ। ଉତ୍ତରାୟଣ ପର ଷଡ଼ ମାସ ସମସ୍ତ ସାମାଜିକ କାର୍ଯ୍ୟ ଯେପରି ବିବାହ, ବ୍ରତୋପନୟନ, ଯଜ୍ଞ ଅନୁଷ୍ଠାନ, ଗୃହ, ଦେବାଳୟ ପ୍ରତିଷ୍ଠା ଆଦି ସମସ୍ତ କର୍ମ ଶୁଭମୟ ହୋଇଥାଏ। ବିଜ୍ଞାନ ଶାସ୍ତ୍ର ମତେ ସୂର୍ଯ୍ୟ ସ୍ଥିର... ଗ୍ରହ, ନକ୍ଷତ୍ର, ଉପଗ୍ରହ ଘୂର୍ଣ୍ଣୟମାନ। ଦିବାକରଙ୍କର ଏହି ଉତ୍ତରାୟଣ ଗତି ଏକ ଭୌତିକ ଗତି (ଆପେକ୍ଷିକ ଗତି /ସମ୍ପର୍କୀୟ ଗତି )।



ହିନ୍ଦୁ ପୁରାଣ ଅନୁସାରେ କର୍ମଫଳ ଦାତା ଶନିଶ୍ଚର ନିଜ ପିତାଙ୍କ ନିକଟତର ହୋଇଥାନ୍ତି। ଯେତେବେଳେ କପିଳ ମୁନିଙ୍କ ଅଭିଶାପ ଗ୍ରସ୍ତ ହୋଇ ଶ୍ରୀରାମଚନ୍ଦ୍ରଙ୍କ ପୂର୍ବପୁରୁଷ ଅମୋକ୍ଷ ଅବସ୍ଥାରେ ଥିଲେ, ସେତିକିବେଳେ ରଘୁବଂଶରେ ଆଶାର କିରଣ ରୂପେ ଜନ୍ମ ନେଇଥିଲେ ରାଜା ଭଗୀରଥ। ଭଗୀରଥଙ୍କ କଠୋର ତପସ୍ୟା



ବ୍ରହ୍ମଦେବଙ୍କୁ ସନ୍ତୁଷ୍ଟ କରିଥିଲା। ବ୍ରହ୍ମାଙ୍କୁ ପ୍ରାର୍ଥନା କରନ୍ତେ, ସେ ମା'ଗଙ୍ଗାଙ୍କୁ ସ୍ୱର୍ଗରୁ ମର୍ତ୍ତ୍ୟାବତରଣ ପାଇଁ ଆଦେଶ ଦେଇଥିଲେ। ମା ଗଙ୍ଗାଙ୍କର ଭୂପତନ ସମୟର ଭୟାବହତା ଅନୁମାନ କରି ଭଗୀରଥ ପୁନଃ ଦେବଦେବ ମହାଦେବଙ୍କୁ ପ୍ରାର୍ଥନା କରିଥିଲେ। ମହାଦେବ ଗଙ୍ଗାଙ୍କର ଭୁପତନ ସମୟରେ ଆପଣା ମସ୍ତକ ଆଗକୁ ଆଣି ଗଙ୍ଗାଙ୍କୁ ନିଜ ଜଟା ମଧ୍ୟରେ ରଖି

ଦେଇଥିଲେ । ପରେ ଶିବଙ୍କ ଜଟରୁ ଏକମାତ୍ର ସ୍ରୋତ ଆକାରେ ହିମାଳୟରୁ ନିର୍ଗତ ହୋଇଥିଲେ ମା'ଗଙ୍ଗା ଏବଂ ଏହି ମକର ସଂକ୍ରାନ୍ତି ଦିନ ଧରା ପ୍ରବେଶ କରି କୁରୁବଂଶକୁ ଶାପ ମୁକ୍ତ କରିଥିଲେ । ମହାଭାରତ କଥା ଅନୁସାରେ ପିତାମହ ଭୀଷ୍ମ ଇଚ୍ଛାମୃତ୍ୟୁର ବରଦାନ ପାଇଥିଲେ । ମହାସମରର ଦଶମ ଦିନ ଶ୍ରୀଖଣ୍ଡିଙ୍କୁ ସମ୍ମୁଖରେ ପାଇ ଅସ୍ତ୍ର ତ୍ୟାଗ କରିଥିଲେ ଏବଂ ଅର୍ଜୁନଙ୍କ ଦ୍ୱାରା ଶରଶଯ୍ୟା ପ୍ରାପ୍ତ ହୋଇ ଅପେକ୍ଷା କରିଥିଲେ ସୂର୍ଯ୍ୟଙ୍କର ଏହି ଉତ୍ତରାୟଣ ଗତିକୁ । ସୂର୍ଯ୍ୟଙ୍କର ମକର ଚଳନ ପରେ ପିତାମହ ଭୀଷ୍ମଙ୍କର ଆତ୍ମା ସ୍ୱର୍ଗକୁ ଯାଇଥିଲା । ଅନ୍ୟ ଏକ ଶାସ୍ତ୍ରୀୟ ତଥ୍ୟ ଅନୁସାରେ ମକର ସଂକ୍ରାନ୍ତି ଦିନ ହିଁ ସମୁଦ୍ର ମନ୍ଥନରୁ ମିଳିଥିବା ଅମୃତର ଟୋପା ଧରାପୃଷ୍ଠରେ ଥିବା ଭାରତ ମାଟିର ତ୍ରିବେଣୀ ସଙ୍ଗମ ସ୍ଥାନରେ ପଡିଥିଲା । ସେଥିପାଇଁ ମକର ସଂକ୍ରାନ୍ତି ଦିନ କୁମ୍ଭ ସ୍ନାନ ହୁଏ ଏବଂ ବାର ବର୍ଷରେ ବିଶ୍ୱ ପ୍ରସିଦ୍ଧ କୁମ୍ଭ ମେଳା ଅନୁଷ୍ଠିତ ହୁଏ ।





ଓଡ଼ିଆଙ୍କ ପର୍ବ ମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପର୍ବ, ଏହି ଦିନ ଶ୍ରୀଜୀଉଙ୍କୁ ନବାଙ୍କ ବେଶ କରାଯାଏ । ମା ମହାଲକ୍ଷ୍ମୀ ଫେରିଥାନ୍ତି ପିତ୍ରାଳୟରୁ । ଏହିଦିନ ଶ୍ରୀମନ୍ଦିର ପରିବେଶ ଅତ୍ୟନ୍ତ ଆମୋଦପୂର୍ଣ୍ଣ ଏବଂ କୋଳାହଳମୟ ହୋଇଉଠେ । ସକାଳୁ ପ୍ରଭୁଙ୍କର ମଙ୍ଗଳ ଆଳତୀ ଏବଂ ଅବକାଶ ନୀତି ବଢିବା ପରେ ଶ୍ରୀଜୀଉ ମାନଙ୍କର ପଟା ପହରଣ ଅର୍ଥାତ ପତଳା ସୁତା ଜାଳି କନା ଲାଗି କରାଯାଏ । ପରେ ପରେ ଗୋପାଳ ବଲ୍ଲଭ ଓ ସକାଳ ଧୂପ ବଢିବା ପରେ, ମଇଲମ, ମହାସ୍ନାନ, ସର୍ବାଙ୍ଗଲାଗି ନୂତନ ବସ୍ତ୍ର ଏବଂ ମାଳ ଚୂଳ ଲାଗି ହେବା ପରେ ଚତୁର୍ଦ୍ଧାମୂର୍ତ୍ତି ଅଳଙ୍କାର ଲାଗି ହୋଇ ମକର ବେଶ ବଢିଥାଏ । ଘଣ୍ଟଘଣ୍ଟା, ଛତ୍ରୀ, କାହାଳୀ ପଟୁଆର ସହିତ ତଳିଛୁ ଓ ପ୍ରଧାନୀ ସେବକଙ୍କ ହାତପୈଠ ହୋଇ ରୋଷ ଘର ଠାରୁ ଭୋଗ ଶ୍ରୀଛାମୁଙ୍କ ନିକଟକୁ ଆସିଥାଏ ।

ଭୋଗ ବଢିବା ପରେ ଧୂଆ ପୋଛା କରି ଟେରା ବାଡ଼ (କପଡା ବାଡ଼) ଦିଆଯାଏ । ରୋଷଘରେ ମକର ଚାଉଳ ପ୍ରସ୍ତୁତ ନିମନ୍ତେ ନଡ଼ିଆ, ଘିଅ, ଶାକର, ଗୁଡ଼, ମସଲା, ଖିର, ସର, ଲବଣି ବସୁମତୀ ଚାଉଳ ଇତ୍ୟାଦି ସୁଆର ସେବକ ମାନଙ୍କ ପାଖକୁ ଆସିଥାଏ । ପୂର୍ବ ଦିନରୁ ଭୋଗ ମଣ୍ଡପ ଘର ଶୁଦ୍ଧପୂତ ଭାବେ ଅଧିବାସ ହୋଇପ୍ରସ୍ତୁତ ଥାଏ । ମହାଭୋଇ ସେବକ (ମୁଖ୍ୟ ଗଉଡ଼ ସେବକ) ଗୋ ଦୁଗ୍ଧ ଜାତ ସମସ୍ତ ପଦାର୍ଥ ନୂତନ ଆଟିକାରେ ପୁଷ୍ପମାଲ୍ୟ ସହିତ ନିଜ ଘର ଠାରୁ ଘଣ୍ଟ, ଛତ୍ରୀ, କାହାଳୀ ପଟୁଆର ନେଇ ଏକ ଥର ଦେଉଳ ପରିକ୍ରମା କରି ଜୟ ବିଜୟ ଦ୍ୱାରରେ ମହା ସୁଆରଙ୍କ ଜିମା ଦେଇଥାନ୍ତି । ମକର ଚାଉଳ ପ୍ରସ୍ତୁତି ହେବା ପରେ ପତ୍ରିବଡୁ/ପନ୍ତିବଡୁ ସେବକ ମାନେ ମୁଖକୁ କପଡା ଆବୃତ୍ତ କରି ଘଣ୍ଟ, ଛତା, କାହାଳୀ ପଟୁଆରରେ ତଳିଛୁ ସେବକ ଓ ପରିଛା ପ୍ରତିନିଧିଙ୍କ ସହିତ ମୁଖ୍ୟ ମନ୍ଦିରକୁ ତିନି ଥର ପରିକ୍ରମା କରି ଶ୍ରୀଛାମୁରେ ପନ୍ତି ବାଢିଥାନ୍ତି । ତତ୍ପରେ ମୁଦିରସ୍ତ ସେବକ ପ୍ରାସାଦ ଲାଗି କରିବା ପରେ, ତିନି ବାଡ଼ରେ ତିନି ପୂଜାପଣ୍ଡା ପଞ୍ଚ ଉପଚାର ବିଧିରେ ମଣୋହି କରନ୍ତି । ଏହି ନୀତି ସମ୍ପାଦନ ସମୟରେ ଶ୍ରୀମନ୍ଦିରରେ ମହାର୍ଘ୍ୟ ପଟୁଆରରେ ହଜାର ହଜାର ଭକ୍ତ ମନ୍ଦିର ପ୍ରଦକ୍ଷିଣ କରନ୍ତି । ବିଶେଷ ଭାବେ ଜଗମୋହନରେ ମହାପ୍ରଭୁଙ୍କୁ ଅର୍ପିତ 'ମକର ଚାଉଳ ବା ମକରାନ୍ନ କୈବଲ୍ୟ' ପ୍ରସାଦ ଲାଭ କରିବା ପାଇଁ ଭକ୍ତ ଗଣଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୁଏ । ଏହି ଦିନ ବେଢା ପରିକ୍ରମା ସହିତ ଶ୍ରୀଜୀଉଙ୍କ ଦର୍ଶନ ଏବଂ ମକର ଚାଉଳ ପ୍ରସାଦ ସେବନ କଲେ ରାଜସୂୟ ଯଜ୍ଞର ଫଳ ପ୍ରାପ୍ତି ସହିତ ମହାପୁଣ୍ୟ ପ୍ରାପ୍ତି ହୋଇଥାଏ । ମହାପ୍ରଭୁଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରେ ମକର ଯାତର ଏକ ସ୍ୱତନ୍ତ୍ର ମହାତ୍ମ୍ୟ ରହିଛି ।





ମକର ସଂକ୍ରାନ୍ତି କେବଳ ଏକ ଗଣପର୍ବ ନୁହେଁ, ବରଂ କୃଷିଭିତ୍ତିକ ପାରମ୍ପରିକ ପର୍ବ । ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି କରିବା ସହିତ ସ୍ନେହପ୍ରେମର ବାର୍ତ୍ତା ପ୍ରଦାନ କରିବା କ୍ଷେତ୍ରରେ ଏହାର ପ୍ରମୁଖ ଭୂମିକା ରହିଛି । ଏହିଦିନରୁ ସମସ୍ତ ଶୁଭ କାର୍ଯ୍ୟ ଆରମ୍ଭ ହୋଇଥାଏ । ଦିନ ବଡ଼ ହୋଇଥାଏ । ଭଲ ଶସ୍ୟ ଅମଳ ହେବା ପାଇଁ ଅନେକ ସମ୍ପ୍ରଦାୟ ସୂର୍ଯ୍ୟଙ୍କ





ଏହି ବିଶେଷ ପୂଜାର୍ଚ୍ଚନା କରିଥାନ୍ତି । ଓଡ଼ିଶା, ଛତିଶଗଡ଼, ବିହାର, ଝାଡଖଣ୍ଡ, ମଧ୍ୟପ୍ରଦେଶ ଭଳି ବିଭିନ୍ନ ସ୍ଥାନରେ ଏହି ପର୍ବ ମକର ସଂକ୍ରାନ୍ତି ଭାବେ ପରିଚିତ ଥିଲାବେଳେ ଦକ୍ଷିଣ ଭାରତରେ ଏହା ପୋଙ୍ଗଲ୍ ନାମରେ ଖ୍ୟାତ । ଓଡ଼ିଶାର ମୟୂରଭଞ୍ଜ ଓ କେନ୍ଦୁଝରରେ ଏହା ଟୁସୁ ପର୍ବ ଭାବେ ପାଳିତ । ଆଦିବାସୀ ଅଞ୍ଚଳରେ ରହୁଥିବା କୁଡୁମୀ ସମ୍ପ୍ରଦାୟର ଲୋକମାନଙ୍କ ପର୍ବ ହେଉଛି ଟିସୁ ପରବ । ନୂତନ ବସ୍ତ୍ର ପରିଧାନ କରି ବିଭିନ୍ନ ଖାଦ୍ୟ ପାନୀୟ ସହିତ ଟୁସୁ ଗୀତ ଗାଇ ସାଙ୍ଗ ହୋଇ ନାଚିବାର ଭରପୁର ଆନନ୍ଦ ଉଠାଇଥାନ୍ତି ପ୍ରତି ଆଦିବାସୀ ଅଞ୍ଚଳର ଲୋକ । ସିନ୍ଧି



ସମ୍ପ୍ରଦାୟର ଲୋକମାନେ ଏହାକୁ ତିରମୌରି ଏବଂ ଗୁଜରାଟର ଲୋକେ ଉକ୍ତ ପର୍ବକୁ ଉତ୍ତରାୟଣ ଭାବେ ଜାଣିଛନ୍ତି । ଉତ୍ତର ପ୍ରଦେଶ ଓ ପଶ୍ଚିମ ବିହାରରେ ଏହାକୁ ଖିଚ୍‌ଡ଼ି ସଂକ୍ରାନ୍ତି ବୋଲି କୁହାଯାଏ । ପଞ୍ଜାବରେ ଏହା ଲୋହଡ଼ି ଭାବେ ଧୁମଧାମରେ ପାଳିତ ହେଉଥିବାବେଳେ ହରିୟାନା ଓ ହିମାଚଳ ପ୍ରଦେଶରେ ଏହାର ନାମ ହେଉଛି ମାଘି । ବଙ୍ଗରେ ଏହାକୁ ପୌଷ ସଂକ୍ରାନ୍ତି କାଶ୍ମୀରରେ ଏହାକୁ ଶିଶୁର୍ ସେକ୍ରାନ୍ତି ଭାବେ ପାଳନ କରାଯାଏ । କର୍ଣ୍ଣାଟକରେ ମକର ସଂକ୍ରାନ୍ତି ତିଲ୍ଲୁଡ଼୍ ପର୍ବ ଭାବେ ପରିଚିତ ।

ଭାରତ ବାହାରେ ରୋମାନ ଓ ଇହୁଦୀମାନେ ମଧ୍ୟ ଏହିପର୍ବ ପାଳନ କରନ୍ତି । ଏହିଦିନ ପ୍ରାୟତଃ ଖେଚିଡ଼ି ରନ୍ଧା ଯାଇଥାଏ । ଏହାକୁ ସାହିପଡ଼ିଶା ଓ ନିକଟ ସମ୍ପର୍କୀୟଙ୍କ ସହିତ ମିଳିମିଶି ଖାଇଥାନ୍ତି । ଏହି ଦିନର ବିଶେଷ ଖାଦ୍ୟ ହେଉଛି 'ମକର ଚାଉଳ' । କଞ୍ଚା ଚାଉଳରେ କଦଳୀ, ସେଓ, କମଳା, ଅଙ୍ଗୁର ଓ କିସ୍ମିସ୍, କାଜୁ ଓ ବିଭିନ୍ନ ପ୍ରକାର ଗରମ ମସଲା ପକାଇ ପ୍ରସ୍ତୁତ ହୋଇଥାଏ ସ୍ୱାଦିଷ୍ଟ 'ମକର ଚାଉଳ' । ଏହାକୁ ମକର ସଂକ୍ରାନ୍ତିରେ ବାଣ୍ଟିବା ଦ୍ୱାରା ସ୍ନେହ ବଢ଼ିଥାଏ ବୋଲି ବିଶ୍ୱାସ ରହିଛି । ଏହା ବ୍ୟତୀତ ଗାଁ ଗହଳିରେ ମକର ଚାଉଳ ପରିଶ୍ୱରକୁ ଦେଇ ମକର ବସିବା ଭଳି ଏକ ନିଆରା ପରମ୍ପରା କାହିଁ କେଉଁ କାଳରୁ ଚାଲିଆସିଛି । ମକର ଚାଉଳ ସହିତ ଆଉ ଏକ ବିଶେଷ ପରମ୍ପରା ମକର ସଂକ୍ରାନ୍ତି ସହିତ ଜଡ଼ିତ । ତାହା ହେଉଛି 'ଗୁଡ଼ି ଉଡ଼ା ପର୍ବ' । ମକର ସଂକାନ୍ତି ଦିନ ଗୁଡ଼ି ଉଡ଼ାଇବାର ବିଶେଷ ପ୍ରଥା ରହିଛି । ଶାରୀରିକ, ଭୌତିକ ଓ ମାନସିକ ସମସ୍ୟାରୁ ମୁକ୍ତି ପାଇବା ପାଇଁ ସୂର୍ଯ୍ୟଙ୍କର ଉଷ୍ମତା ଏବଂ ସ୍ନିଗ୍ଧତା ପାଇବା ପାଇଁ ଗୁଡ଼ି ଉଡ଼ାଇବାରର ବିଶେଷ ମହତ୍ୱ ରହିଛି । ଏହା ଛଡ଼ା ବିଭିନ୍ନ ଗାଁ ତଥା ବଡ଼ ବଡ଼ ସହରମାନଙ୍କରେ ଆରମ୍ଭ ହୋଇଥାଏ ଏକ ଭିନ୍ନ ସ୍ୱାଦର ପ୍ରତିଯୋଗିତା ଯାହାକୁ କୁହାଯାଏ, ଗୁଡ଼ି ଉଡ଼ାଣ ପ୍ରତିଯୋଗିତା । ଏପରି ପ୍ରତିଯୋଗିତାରେ ଅନେକ ଲୋକ ଅଂଶଗ୍ରହଣ କରି ନିଜ ପିଲାବେଳ ସ୍ମୃତିକୁ ଜୀବନ୍ତ କରିଥାନ୍ତି । ବାସ୍ତବିକ ମକର ସଂକ୍ରାନ୍ତି ହେଉଛି ସ୍ମୃତିର ରୋମନ୍ଥକ । ସେଇ ଦିବ୍ୟ ପବିତ୍ର ପାର୍ବଣର ସମାଗମ ଅନେକ ଶିକ୍ଷା ଦେଇଯାଏ, ବନ୍ଧୁତ୍ୱର ବାର୍ତ୍ତା ନେଇଯାଏ, ମାନବିକତାର ମନ୍ତ୍ର ଶିଖାଇଦିଏ ।

'ମାତୃ ପିତୃ କୃପା', ୫୦୮, ନୁଆସାହି
ନୂଆପଲ୍ଲୀ, ଭୁବନେଶ୍ୱର
ମୋ-୯୪୩୭୧୭୫୭୬୪

## ମନକୁ ଆସିଲା ଯାହା ୫୩

# ବରଂ...ଚୁପ ରହିବା ଭଲ



ସୌମ୍ୟଶ୍ରୀ ପାଣିଗ୍ରାହୀ

ବେଳେବେଳେ ଏମିତି ହୁଏନି ଆପଣଙ୍କ ସହ...!! ଯେତେବେଳେ ଆପଣଙ୍କୁ ଲାଗେ ଯେ, ଏଠି ହୁଏତ ମୋର କିଛି କଥା କହିବାର ନଥିଲା । ମୁଁହ ନଖୋଲି ବରଂ ଚୁପ ରହି ଯାଇଥିଲେ ଭଲ ହୋଇଥାନ୍ତା । ମୋ ସହ ଏମିତି ଅନେକ ଥର ହେଇଛି । ନିଜର ବିବାକ ବେପରୁଆ ବିନ୍ଦାସ କଥାବାର୍ତ୍ତା ଯୋଗୁଁ ମୁଁ ବେଳେବେଳେ ଅସୁବିଧାରେ ପଡିଛି । ସେତେବେଳେ ନିଜକୁ ଦୋଷଦେଇ ମନଦୁଃଖରେ ମୁଁହ ଶୁଖେଇ ବସିଛି କିନ୍ତୁ ପୁଣି କିଛି ଦିନପରେ ଯେଉଁ କଥାକୁ ସେଇ କଥା । ଏମିତି ଅନେକ ଥର ହେବାପରେ ମୁଁ ଏଇ ନୂଆବର୍ଷ ଠାରୁ ମନେମନେ ସଂକଳ୍ପ କରିଛି, ପେଟ ଆଉ ପାଟିକୁ ଅଲଗା କରିବି । କିଛି କଥା ଓଠ ଦେଇ ବାହାର କରିବା ପୂର୍ବରୁ ପେଟରେ ସାଇତି ରଖିବି । ନିଜ ପାଟି ପାଇଁ ଅନ୍ତତଃ ବିପଦରେ ତ ପଡିବିନି । ବାସ, ବହୁତ୍ ହେଇଗଲା । ସତରେ...ଦରକାର୍ ପଡ଼ିଲେ, ଚୁପ ରହିବାକୁ ଶିଖିବି ଏବେଠୁଁ ।

ଏଇ ଦେଖୁନାହାନ୍ତି ନିଜ ପାଟି ପାଇଁ କେମିତି ଅକଳରେ ପଡିଲେ କ୍ରିକେଟର ନବଜ୍ୟୋତ ସିଂ ସିଦ୍ଧୁ । ଘଟଣାଟି ଥିଲା ଏମିତି । କିଛି ଗୋଟେ କଥାକୁ ନେଇ ସିଦ୍ଧୁଙ୍କର ବିବାଦ ହୋଇଥିଲା ନିଜ ସହର ଅମୃତସରରେ ଜଣେ ପଡୋଶୀଙ୍କ ସହ । କଥା ସାମାନ୍ୟ ବଚସାରୁ ବଢିବଢି ହାତାହାତି ପର୍ଯ୍ୟନ୍ତ ଗଲା । ହଠାତ ସିଦ୍ଧୁ ଉତ୍ୟକ୍ତ ହୋଇ ହାତରେ ଧରିଥିବା କ୍ରିକେଟ ବ୍ୟାଟରେ ଅପରବ୍ୟକ୍ତିର ମୁଣ୍ଡକୁ ଦେଲେ ଖୁବ ଜୋର ପାହାରଟିଏ । ଟଳିପଡିଲା ଲୋକଟି ସେଇଠି । ମାମଲା ଗଲା କୋର୍ଟକୁ । ଚାଲିଲା ଲମ୍ବା ବିଚାର । ସେତବେଳକୁ ନବଜ୍ୟୋତ ସିଂ ସିଦ୍ଧୁ ଥାଆନ୍ତି ପ୍ରସିଦ୍ଧିର ଚରମ ଶିଖରରେ । ଦେଶପାଇଁ ନିୟମିତ କ୍ରିକେଟ ଖେଳୁଥିବାରୁ ଥାନା କୋର୍ଟ ଆଦିକୁ ବେଶୀ ଦୌଡିବାରୁ ତାଙ୍କୁ ମୁକ୍ତି ମିଳିଥାଏ । ଅନେକ ବର୍ଷ ଧରି ଏହି ମାମଲା ଗଡିଚାଲିବା ପରେ ଶେଷରେ ଉପଯୁକ୍ତ ସାକ୍ଷ୍ୟପ୍ରମାଣ ଅଭାବରୁ ସିଦ୍ଧୁଙ୍କ ବିରୋଧରେ ମାମଲାଟି ଖାରଜ ହୋଇଯାଏ । ଏପଟେ ସିଦ୍ଧୁ ବି ସକ୍ରିୟ କ୍ରିକେଟରୁ ଅବ୍ୟାହତି ନେଇ ରାଜନୀତିରେ ପ୍ରବେଶ କରିସାରିଥାନ୍ତି ।

ଜଣେ ସଫଳ କ୍ରିକେଟର ଭାବେ ଯେତିକି ନାଁ କମେଇ ନଥାନ୍ତି, ତା ଠାରୁ କାହିଁ ଅଧିକ ପ୍ରସିଦ୍ଧି ହାସଲ କରିଥାନ୍ତି କ୍ରିକେଟ କମେଣ୍ଟେଟର ବା ଭାଷ୍ୟକାର ଭାବେ । ଜଣେ ବିଚକ୍ଷଣ ରାଜନେତା ହେବା ସହ ନିଜ ହାସ୍ୟରସାତ୍ମକ ଶାଣିତ ବ୍ୟଙ୍ଗ ପାଇଁ ପରିଚିତ ହେଉଥାଆନ୍ତି ନବଜ୍ୟୋତ ସିଂ ସିଦ୍ଧୁ । ସେଇ ପୁରୁଣା ବିବାଦ, ବ୍ୟାଟମାଡ ଓ ମୃତ୍ୟୁ ଘଟଣାକୁ ୨୦ ବର୍ଷ ପୁରିସାରିଥାଏ । ହଠାତ ଦିନେ ସିଦ୍ଧୁଙ୍କୁ କ୍ୟାମେରା ସାମ୍ନାରେ କିଏ ଜଣେ ପଚାରିଦେଲେ ସେଦିନର କଥା । କୁହାଳିଆ ସିଦ୍ଧୁ ନିଜର ମଜାଳିଆ ଢଙ୍ଗରେ ଉତ୍ତର ଦେଲେ 'ମୁଁ ତ ଗୌତମ ବୁଦ୍ଧ କି ମହାତ୍ମା ଗାନ୍ଧୀ ନୁହେଁ ଯେ, ମୋତେ ଜଣେ ଚାପୁଡା ମାରିଲେ ମୁଁ ଚୁପଚାପ ସହିଯିବି ଆଉ ଆର ଗାଲଟି ଦେଖେଇ ଦେବି । ମୁଁ ବି ପୁରୁଷ ପୁଅ । ମୁଁ ବି ରକ୍ତମାଂସର ମଣିଷ ପୁଣି ପଞ୍ଜାବୀ ଶିଖ, ଗୁରୁ ଗୋବିନ୍ଦ ସିଂ ଙ୍କର ବଂଶଧର । ମୋତେ କେହି ରଗେଇଲେ ମୁଁ ହାତ ଉଠେଇବା ବି ଶିଖିଛି । ଯଦି ମୋତେ କେହି ଅଯଥା ରଗେଇଲା, ତେବେ ମୁଁ ବ୍ୟାଟ ଉଠେଇ ପିଟିବାକୁ ବି ପଛେଇବି ନାହିଁ ।' ବାସ, ଏତକ କଥା ରେକର୍ଡିଂ ହୋଇରହିଗଲା କ୍ୟାମେରାରେ । ଯେତେବେଳେ ଏହି ରେକର୍ଡିଂଟା ଟିଭିରେ ପ୍ରସାରଣ ହେଲା, ବିରୋଧୀଙ୍କୁ ପୁଣି ଗୋଟେ ମୌକା ମିଳିଗଲା ।

ଯେଉଁ ମାମଲା ସିଦ୍ଧୁଙ୍କ ବିରୋଧରେ ବନ୍ଦ ହେଇଯାଇଥିଲା ତାହା ପୁଣି ଥରେ ଖୋଲିଲା ଏବଂ ଏଥର ବିରୋଧୀମାନଙ୍କ ହାତରେ ଅଛି ସ୍ପଷ୍ଟ ପ୍ରମାଣ । ଯେଉଁଠି ସିଦ୍ଧୁ କ୍ୟାମେରା ସାମ୍ନାରେ ନିଜ ମୁଁହରେ ନିଜେ ସ୍ୱୀକାର କରିଛନ୍ତି ଯେ, ସେ ବ୍ୟାଟ ଉଠେଇ ମାରିଛନ୍ତି ସେ ଲୋକକୁ । ଏହି ଅକାଟ୍ୟ ତଥ୍ୟ ପ୍ରମାଣ ସହ ଅଭିଯୁକ୍ତର ସ୍ୱୀକାରୋକ୍ତି ନ୍ୟାୟାଳୟରେ ଆଉ ବଞ୍ଚେଇ ପାରିଲାନି ସିଦ୍ଧୁଙ୍କୁ । ସେହି ପୁରୁଣା ବନ୍ଦହୋଇ ଯାଇଥିବା ମାମଲାରେ ବି ସିଦ୍ଧୁଙ୍କୁ ପୁଣି ଥରେ ଦଣ୍ଡାଦେଶ ହେଲା ୧ ବର୍ଷର ସଶ୍ରମ କାରାଦଣ୍ଡ । କେବଳ ନିଜର କୁହାଳିଆ ପଣ ଓ ବିନ୍ଦାସ କଥାବାର୍ତ୍ତା ପାଇଁ ସିଦ୍ଧୁ ଫସିଗଲେ କ୍ୟାମେରା ସାମ୍ନାରେ ଏବଂ ଜେଲଦଣ୍ଡ ବି ଭୋଗିଲେ । ସିଦ୍ଧୁ କଣ ଚାହିଁଥିଲେ ଚୁପ ରହିପାରି ନଥାନ୍ତେ..!! ନିଜ ପାଟିକୁ ଲଗାମ ଦେଇପାରିନଥାନ୍ତେ..!! ତାହେଲେ ତ ଏସବୁ କିଛି ହେଇ ନଥାନ୍ତା ।

ଏବେଦେଖିଲେ ତ କେମିତି ନିଜର ସାମାନ୍ୟ କୁହାଳିଆ ପଣ ପାଇଁ ଫସିଗଲେ ସିଦ୍ଧୁ । ବଡମାନେ କହିଯାଇଛନ୍ତି ସବୁବେଳେ ଫଟଫଟ ହେଇ ମେଞ୍ଚେଗୁଡେ କଥା କହିପକେଇବା ଟା ଆଦୌ ବାହାଦୁରୀ ନୁହେଁ ବରଂ ବୁଝିବିଚାରି ଅଳ୍ପକଥା କହିବା ହିଁ ବିଜ୍ଞତାର ଲକ୍ଷଣ । ଆବଶ୍ୟକ ସ୍ଥଳେ ଚୁପରହିବାଟା ବି ଗୋଟେ କଳା । ଯିଏ ଏହି କଳାଟିକୁ କୌଶଳର ସହ ଆୟତ୍ତ କରିଛି ସେ ହିଁ ପ୍ରକୃତରେ ଚାଲାକ ମଣିଷରେ ଗଣା ହୋଇଛି । ବରଂ ମୁଁ ତ' କହିବି, କଥା କହିବାକୁ ଶିଖିବା ଠୁଁ ଚୁପ ରହିବାକୁ ଶିଖିବାଟା ବେଶୀ ଜରୁରୀ । କେଉଁଟା କୁହାଯିବ, ସେଇଟା ନଭାବି ବରଂ ମାପିଚୁପି କେଉଁଟା ନକୁହାଯିବ, ସେଇଟା ଜାଣିବା ବେଶୀ ଜରୁରୀ ।

ମୋର ନାତିଦୀର୍ଘ ଜୀବନ ଭିତରେ ଅନେକ ଥର ଏମିତି କେଇଟା ମୌକା ଆସିଛି ଯେ, ନିଜ କହିଥିବା କଥା ପାଇଁ ମୁଁ ବିପଦରେ ପଡିଛି । ଅବଶ୍ୟ ଏତେସବୁ ଭିତରେ ବନ୍ଧୁ ବନେଇଛି ଅନେକ କିନ୍ତୁ ଶତ୍ରୁ ବି ବନେଇଛି ତା'ଠାରୁଁ ଅନେକ ଅଧିକ । ମୁଁ ଛଳନା କରି ଶିଖିନି ବୋଲି ମୁହେଁ ମୁହେଁ ଶୁଣେଇ ଦିଏ ଅନେକ କଥା । ଅବଶ୍ୟ ପରେ ଜାଣିବାକୁ ପାଏ ଯେ, କିଛି କଥା ହୁଏତ ମୋର କହିବାର ନଥିଲା । ସେଇଥିପାଇଁ ଘଟିସାରିଥାଏ କେତେ ଯେ ଅନର୍ଥ । କିନ୍ତୁ ସେତେବେଳକୁ ଆଉ କିଛି କହିବାର ନଥାଏ । ଯାହା କିଛି କ୍ଷତି ହେବାର ହେଇ ସାରିଥାଏ । ସେଥିରେ ଆଉ ତାଳି ପକେଇବାର ବି କିଛି ଫାଇଦା ନଥାଏ । ଧନୁରୁ ବାହାରିସାରିଥିବା ତୀର ଆଉ ପାଟିରୁ ବାହାରିସାରିଥିବା କଥା, ପୁଣି ଥରେ ଫେରିଆସେ ନାହିଁ । କିନ୍ତୁ ଯାହାକିଛି ହେବା କଥା ସେଇ ଥରକରେ ହିଁ କ୍ଷତି ଘଟେଇ ସାରିଥାଏ । ଏକଥା ମୁଁ ଅଙ୍ଗେ ନିଭେଇଛି ଅନେକବାର ।

ଏଇ ନିକଟରେ ମୋର ସ୍ଥାନାନ୍ତରଣ ଆଦେଶ ଆସିଲା । ଅବଶ୍ୟ ଆମ ଚାକିରିରେ ଏମିତି ବଦଳି ଆଦେଶଟା କିଛି ନୂଆକଥା ନୁହେଁ, ନିୟମିତ ବ୍ୟବଧାନରେ ଆସୁଥାଏ । ମାତ୍ର ମୋର ଗତ ୮-୯ ବର୍ଷର ଚାକିରୀରେ ୭ ଥର ବଦଳି ହୋଇସାରିଲାଣି । କୌଣସି ଗୋଟିଏ ସ୍ଥାନରେ ୨-୩ ବର୍ଷଧରି ମୁଁ ଏକାଦିକ୍ରମେ ରହିନାହିଁ । କିନ୍ତୁ ଏଥର ସବୁଠାରୁ କମ, ମାତ୍ର ୮ ମାସରେ ବଦଳି । ମୋ ଜାଣତରେ ତ' ସେମିତିକିଛି ଗର୍ହିତ ଭୁଲ ମୁଁ କିଛି କରିନାହିଁ । ମାତ୍ର କେଇଜଣଙ୍କ ପାଖରୁ ଶୁଣିଲି ଯେ, ମୁଁ କୁଆଡେ କଥା ଲୁଚେଇ ରଖିପାରିଲିନି ବୋଲି ମୋର ବଦଳି ଜରୁରୀ ହୋଇପଡିଲା । ଅର୍ଥାତ ମୁଁ ଯଦି ମେଣ୍ଢାଛୁଆ ପରି ଚୁପ ରହିଥାନ୍ତି, ନିଜେ କିଛି ବି ନୂଆ କଥା ଚିନ୍ତା ବି କରି ନଥାନ୍ତି କିମ୍ବା ମୋ ଆଖପାଖରେ ଘଟୁଥିବା ଭୁଲଠିକ ସବୁ କଥା ପ୍ରତି ଆଖି ବୁଜି ଦେଇଥାନ୍ତି ତା'ହେଲେ ହୁଏତ ମୁଁ ସୁନାପିଲା ହେଇ ଆଉ କିଛି ଦିନ ରହିଯାଇଥାନ୍ତି । ମାତ୍ର ମୁଁ ଭୁଲକୁ ଭୁଲ ଆଉ ଠିକକୁ ଠିକ କହିବାଟା ହୁଏତ କାହା ଆଖିକୁ ପସନ୍ଦ ଆସିଲା ନାହିଁ । ଯିଏ ଯାହା ଚୋରୀଚମାରୀ କରୁ, ସତମିଛ କରୁ ମୁଁ ଚୁପ ରହି ସବୁ ଦେଖିଥାନ୍ତି, ପଦୁଟିଏ ବି ମୁହଁ ଖୋଲିନଥାନ୍ତି । ତାହେଲେ ସବୁ ଠିକ ହେଇଥାନ୍ତା ।

ଏଥର ବୁଦ୍ଧି ଶିଖିଲି, ଯାହା ବି ହୋଇଯାଉ ପାଟି ଖୋଲିବି ନାହିଁ । ତୁଣ୍ଡ ଖୋଲିଲେ ମୁଣ୍ଡ କାଟ ଏଠି, ମୁହଁ ଖୋଲିଲେ ମହାଭାରତ । ଏଣୁ ମୁଁ ବି ଚୁପ ରହିବି । ନିଜର ବୁଦ୍ଧି ବିବେକ ଖଟେଇ, ଏତେ ପାଠପଢି ଚାକିରି କରିଛି ଯେତେ ବେଳେ, ଚାକିରିକୁ ବଞ୍ଚେଇ, ସୁରକ୍ଷିତ ଭାବେ ଗୋଟିଏ ସ୍ଥାନରେ ଆସ୍ଥାନ ଜମେଇ ରଖିବାର କଳାଟି ମୋତେ ଶିଖିବାକୁ ପଡିବ । ନହେଲେ ମୁଁ ଏମିତି ବାରମ୍ବାର ଫୁଟବଲ ପରି ଫିଙ୍ଗାଯାଉଥିବି ବିଭିନ୍ନ ଜାଗାକୁ । ଏଣୁ ଏଥର ପଣକରୁଛି, ମୁଁହ ଖୋଲିବି ନାହିଁ...ଛଳନାର ହସ ଫୁଟେଇ ସମସ୍ତଙ୍କୁ ସାମ୍ନା କରିବି, କାରଣ ଏଠି କଥା କହିବା ଠାରୁ ବରଂ...ଚୁପ ରହିବା ଭଲ ...!!

ଛାଇ, ଜଗନ୍ନାଥ ବିହାର
ଭଦ୍ରକ, ମୋ-୭୦୦୮୬୦୧୧୬୧

ଫ୍ୟାସନ୍

# ଘରୋଇ ଉପଚାରରେ ହେୟାର୍ କେୟାର



ଶୀତଦିନେ କେଶ ଅଧିକ ପ୍ରଭାବିତ ହୋଇଥାଏ। ଏହି ଋତୁରେ କେଶ ଶୁଷ୍କତା, ରୁପି ଏବଂ ଝଡ଼ିବା ଭଳି ସମସ୍ୟା ଦେଖାଯାଏ। ଶୀତଳ ପବନ, ଆର୍ଦ୍ରତା ଅଭାବ ଏବଂ ଧୂଳି ପ୍ରଦୂଷଣ ଯୋଗୁଁ କେବଳ ଆମର ସ୍ୱାସ୍ଥ୍ୟ ନୁହେଁ ବରଂ ଆମର ଚର୍ମ ଏବଂ କେଶ ମଧ୍ୟ କ୍ଷତିଗ୍ରସ୍ତ ହୋଇଥାଏ। ପ୍ରାୟତଃ ଲୋକମାନେ କେଶ ପାଇଁ ମହଙ୍ଗା ସାମ୍ପୁ ଏବଂ କଣ୍ଡିସନର ବ୍ୟବହାର କରନ୍ତି। ତଥାପି କୌଣସି ବିଶେଷ ପାର୍ଥକ୍ୟ ଦେଖାଯାଏ ନାହିଁ। ଏଭଳି ପରିସ୍ଥିତିରେ ସୁନ୍ଦର, ଲମ୍ବା, ମୋଟା ଏବଂ ଶକ୍ତିଶାଳୀ କେଶ ପାଇଁ କେବଳ ଘରୋଇ ଉପଚାର ଉପଯୋଗୀ। ପ୍ରାକୃତିକ ଉପଚାର ଭାବରେ ନଡ଼ିଆ ତେଲ ଏବଂ ପିଆଜ ରସ କେଶର ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସହାୟକ ହୋଇପାରେ। ସେହିଭଳି ଏହାକୁ ଶୀତଦିନେ ଘରେ ଟ୍ରାଏ କରିବା ଜରୁରୀ। ଏହି ବିଷୟରେ ତଳେ କିଛି ଟିପ୍ସ ଦିଆଯାଇଛି।

## ପିଆଜ ରସ ଓ ନଡ଼ିଆ ତେଲ

ପିଆଜ ରସ କେଶ ପାଇଁ ବହୁତ ଲାଭଦାୟକ। ପିଆଜ ରସରେ ସଲଫର ପରିମାଣ ଅଧିକ ଥିବାରୁ ଏହା କେଶ ବୃଦ୍ଧିକୁ ପ୍ରୋତ୍ସାହିତ କରେ। ଅନେକ ଲୋକ ପିଆଜ ରସର କଟୁ ଗନ୍ଧ ଯୋଗୁଁ ବ୍ୟବହାର କରିବାକୁ ପସନ୍ଦ କରନ୍ତି ନାହିଁ। ଏହି ପିଆଜ ରସରେ କିଛି ପ୍ରାକୃତିକ ଉପାଦାନ ସହିତ ମିଶାଇ ଲଗାଇଲେ ଏହାର ଦୁର୍ଗନ୍ଧ ଯଥେଷ୍ଟ ହ୍ରାସ ହୋଇଥାଏ। ଯେମିତିକି ସେଥିରେ ଦୁଇରୁ ତିନି ବୁନ୍ଦା ଲେଭେଣ୍ଡର ତେଲ କିମ୍ବା ରୋଜ୍‌ମେରୀ ମିଶାଇପାରିବେ। ଏହି ପିଆଜର ରସ କେଶ ମୂଳକୁ ମଜବୁତ କରେ।



ଏହାକୁ ଲଗାଇଲେ କେଶ ମଧ୍ୟ ଶୀଘ୍ର ବଢ଼େ। ନଡ଼ିଆ ତେଲ ସହଜରେ ତ୍ୱଚାରେ ପ୍ରବେଶ କରି ତ୍ୱଚାକୁ ହାଇଡ୍ରେଟ୍ କରିଥାଏ। ଏହା ଶୁଷ୍କତାକୁ ମଧ୍ୟ ହ୍ରାସ କରେ ଏବଂ କେଶ ଛିଣ୍ଡିବା ଭଳି ସମସ୍ୟାକୁ କମ୍ କରେ। ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଫଙ୍ଗାଲ୍ ଗୁଣ ମଧ୍ୟ ଥାଏ, ଯାହା ତ୍ୱଚାକୁ ସଫା ରଖେ ଏବଂ ରୁପି ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ। ସର୍ବପ୍ରଥମେ ଗୋଟିଏ ଗିନାରେ ଦୁଇ ଚାମଚ ପିଆଜ ରସ ନିଅନ୍ତୁ। ଏଥିରେ ଦୁଇ ଚାମଚ ନଡ଼ିଆ ତେଲ ମିଶାନ୍ତୁ। ଏହାକୁ ଭଲ ଭାବେ ମିଶାଇବା ପରେ ତୁଳା ପ୍ୟାଡ୍ କିମ୍ବା ଉପର୍‌ରେ ସ୍କାଲପ୍‌ରେ ଲଗାନ୍ତୁ। ଏବଂ ଆଙ୍ଗୁଠି ସାହାଯ୍ୟରେ ସ୍କାଲପ୍‌କୁ ଧୀରେ ଧୀରେ ମାଲିସ୍ କରନ୍ତୁ। ସେହିଭଳି ଏହାକୁ ୩୦ ମିନିଟ୍ ପରେ ସାମାନ୍ୟ ସାମ୍ପୁ ନେଇ କେଶ ଧୋଇ ଦେବେ। ଏହିଭଳି ଭାବରେ ସପ୍ତାହରେ ୧ରୁ୨ ଥର ଲଗାଇବା ଦ୍ୱାରା ଆପଣଙ୍କର କେଶ ସମସ୍ୟା ଦୂର ହୋଇଯିବ।

ରୋଷେଇ ଘରୁ

# ଗ୍ରୀନ୍ ମସଲା ମଟନ୍

ଆବଶ୍ୟକ ସାମଗ୍ରୀ: ମଟନ୍-୫୦୦ଗ୍ରାମ୍, ପୋଦିନା ପତ୍ର, ଧନିଆପତ୍ର, କଞ୍ଚାଲଙ୍କା, ରସୁଣ, କାଜୁ, ଅଦା, ଗୋଟା ମସଲା-(ପୋସ୍ତ, ଜିରା, ଗୋଲମରିଚ, ତେଜପତ୍ର, ଅଳେଇଚ, ଡାଲଚିନି, ଲବଙ୍ଗ, ଗୁଜୁରାତି), ପିଆଜ, ଦହି, ଲୁଣ, ହଳଦି, ସୋରିଷ ତେଲ, ଲେମ୍ବୁରସ।



ପ୍ରଣାଳୀ: ପ୍ରଥମେ ମସଲା ପାଇଁ ପୋଦିନା ପତ୍ର, ଧନିଆ ପତ୍ର, କଞ୍ଚାଲଙ୍କା, ରସୁଣ, ଅଦା, କାଜୁ, ପୋସ୍ତ, ଜିରା, ଗୋଲମରିଚ, ଡାଲଚିନି, ଲବଙ୍ଗ, ଗୁଜୁରାତିକୁ ଗ୍ରାଇଣ୍ଡିଂ କରିନେବେ। ମଟନ୍‌କୁ ଧୋଇ ସେଥିରେ ଲୁଣ, ହଳଦୀ, ଗ୍ରାଇଣ୍ଡିଂ କରି ରଖିଥିବା ମସଲା, ଦହିକୁ ଦେଇ ଭଲ ଭାବେ ମିଶାଇ ମ୍ୟାରିନେଟ୍ କରି ୩୦ ମିନିଟ୍ ରଖିବେ। ପ୍ରେସର କୁକର୍‌ରେ ତେଲ ଗରମ ହେଲେ ତେଜପତ୍ର, ଡାଲଚିନି, ଅଳେଇଚ ଏବଂ କାଟି ରଖିଥିବା ପିଆଜକୁ ଭାଜିବେ। ପିଆଜ ବ୍ରାଉନ୍ କଲର୍ ହେଲା ପରେ ସେଥିରେ ମ୍ୟାରିନେଟ୍ କରି ରଖିଥିବା ମଟନ୍‌କୁ ଦେଇ ୩ରୁ୪ ମିନିଟ୍ କଷନ୍ତୁ। ଏଥିରେ ୨ରୁ୩ କପ୍ ଗରମ ପାଣି ଦେଇ ୩ରୁ୪ଟି ସିଟି ଦେବେ। ସିଟି ଖୋଲିବା ପରେ ସେଥିରେ ଲେମ୍ବୁରସ ପକାଇ ମିଶାଇ ଦିଅନ୍ତୁ। ଶେଷରେ ଗ୍ରୀନ୍ ମସଲା ମଟନ୍‌କୁ ରୁଟି, ଭାତ, ପରଟା ସହିତ ଖାଇପାରିବେ।

## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ, ମୋବାଇଲ୍: ୯୭୭୭୨୫୨୨୪୦

**ମେଷ** – ସପ୍ତାହଟି ଅଶାନ୍ତି ବୃଦ୍ଧି। କର୍ମକ୍ଷେତ୍ରରେ ବିଳମ୍ବ। ଆଶା ଅସମ୍ପୂର୍ଣ୍ଣ, ପାରିବାରିକ ଜୀବନରେ କଳହ। ଚାକିରିରେ ମଧ୍ୟମ ଫଳ ଓ ବ୍ୟବସାୟ ଭଲରେ ଚାଲିବ ଏବଂ ଲାଭ ମିଳିବ। ପିଲାମାନଙ୍କର ପଢ଼ାପଢ଼ିରେ ଅବହେଳା ଘଟିବ। ପ୍ରତିକାର – ପ୍ରତିଦିନ ଶିବ ଦର୍ଶନ କରଣୀୟ।

**ବୃଷ** – ସପ୍ତାହଟି ବିଭିନ୍ନ କ୍ଷେତ୍ରରେ ଅର୍ଥକ୍ଷୟ। ନୈରାଶ୍ୟ, ଅର୍ଥ ହାନି, ଦ୍ରବ୍ୟ ଅପହୃତ, ରୋଗ, ପୀଡ଼ା ବୃଦ୍ଧି ହେବ। ଚାକିରିରେ ଅସନ୍ତୋଷ। ବ୍ୟବସାୟରେ କ୍ଷତି ସହିବେ। ମହିଳାମାନେ ଦୁଃଖରେ ଦିନ କାଟିବେ। ପ୍ରତିକାର – ପ୍ରତିଦିନ ହନୁମାନ ଚାଲିଶା ପାଠ କରଣୀୟ।

**ମିଥୁନ** – ସପ୍ତାହଟି ଫଳ ଉତ୍ତମ ମଧ୍ୟେ ଆୟ ଅବ୍ୟାହତ ରହିବ। ଦ୍ରବ୍ୟ ଲାଭ ଯୋଗ। ପ୍ରିୟପ୍ରୀତି ତୋଷଣ। ପାରିବାରିକ ସୁଖ ଓ ଚାକିରିରେ ପଦୋନ୍ନତି ଯୋଗ ରହିଅଛି। ବ୍ୟବସାୟରେ ଲାଭବାନ ହେବେ। ପ୍ରତିକାର – ସୋମବାର ଶିବଙ୍କ ମସ୍ତକରେ ଜଳଲାଗି କରଣୀୟ।

**କର୍କଟ** – ସପ୍ତାହଟି ନାନା କାରଣରୁ ଅସନ୍ତୋଷ ଦେଖାଦେବ। ବନ୍ଧନ ଭୟର ଆଶଙ୍କା ରହିଛି। ଦ୍ରବ୍ୟ ନଷ୍ଟ, ପାରିବାରିକ ତିକ୍ତତା, ଚାକିରିରେ ଅସମ୍ମାନ, ଶିକ୍ଷାରେ ଅବହେଳା ଓ ବ୍ୟୟବହୁଳ ଯୋଗ ଦେଖାଯାଏ। ପ୍ରତିକାର – ମା'ଙ୍କ ମନ୍ଦିରରେ ମଙ୍ଗଳବାର ଦିନ ପୂଜା କରଣୀୟ।

**ସିଂହ** – ସପ୍ତାହଟି ଶରୀର ସୁସ୍ଥ ରହିବ। କର୍ମକ୍ଷେତ୍ରରେ ସାଫଲ୍ୟତା ସହ ଉଚ୍ଚ ସମ୍ମାନ ମିଳିବ। ଆନୁଷ୍ଠାନିକ କାର୍ଯ୍ୟ ସମ୍ପାଦନ କରିବେ। ଅର୍ଥ ଏବଂ ଦ୍ରବ୍ୟଲାଭ। ଚାକିରିରେ ପଦମର୍ଯ୍ୟାଦା ଓ ବ୍ୟବସାୟରେ ଉନ୍ନତି କରିବେ। ପ୍ରତିକାର – ଅନାଥକୁ ସାହାଯ୍ୟ କରନ୍ତୁ।

**କନ୍ୟା** – ସପ୍ତାହଟି ଶରୀର ସୁସ୍ଥ ରହିବ ମାତ୍ର ଅର୍ଥ ସଂକଟ ଦେଖାଦେବ। ଶିକ୍ଷାରେ ସୁଫଳ ମିଳିବ। ପରିବାରରେ ସୁଖ ତଥା ସନ୍ତାନ ଲାଭଯୋଗ ଅଛି। ଚାକିରିରେ ପ୍ରଶଂସିତ ହେବେ। ବ୍ୟବସାୟରେ ଶୁଭଫଳ ମିଳିବ। ପ୍ରତିକାର – ଗଣେଷ ଭଗବାନଙ୍କୁ ପୂଜା କରନ୍ତୁ।

**ତୁଳା** – ସପ୍ତାହଟି କର୍ମକ୍ଷେତ୍ରରେ ଶତ୍ରୁହାନି ଓ ସାଫଲ୍ୟତା ଯୋଗ। କିନ୍ତୁ ଜର ରୋଗ ଦେଖାଦେବ। ପାରିବାରିକ ସ୍ୱଚ୍ଛଳତା ଓ ଚାକିରିରେ ପ୍ରାଧାନ୍ୟତା ବୃଦ୍ଧି ପାଇବ। ବ୍ୟବସାୟରେ ଉତ୍ତମ ଫଳ ମିଳିବ। ମହିଳାମାନେ ଅନ୍ୟ ଦ୍ୱାରା ପ୍ରତାରିତ ହେବେ। ପ୍ରତିକାର – ଶନିବାର ଶିବ ଦର୍ଶନ କରଣୀୟ।

**ବିଛା** – ସପ୍ତାହଟି ଚୋରଭୟ ବା ପ୍ରତାରଣା ଯୋଗ ରହିଛି। କର୍ମକ୍ଷେତ୍ରରେ ବାଦବିବାଦ। ଆୟ ମଧ୍ୟମ ଓ ପାରିବାରିକ ପତ୍ନୀପୀଡ଼ା ଓ ଚାକିରିରେ ଅପଯଶ ହେବେ। ଶିକ୍ଷାରେ ମଧ୍ୟମ ଫଳ। ଖେଳରେ ପ୍ରଶଂସା ମିଳିବ। ପ୍ରତିକାର – ଛୋଟ ଛୋଟ ପିଲାଙ୍କୁ ମିଠା ଖାଇବାକୁ ଦିଅନ୍ତୁ।

**ଧନୁ** – ସପ୍ତାହଟି କର୍ତ୍ତବ୍ୟରେ ଅବହେଳିତ ହେବେ। ଆୟ ଭଲ ହେଲେ ମଧ୍ୟ ସଂକଟ ଲାଗି ରହିବ। ବନ୍ଧୁହାନି ଯୋଗ। ପାରିବାରିକ ଅସନ୍ତୋଷ। ଶିକ୍ଷାରେ ଉଚ୍ଚଫଳ ଲାଭ ଓ ବ୍ୟବସାୟର ପ୍ରସାର ଘଟିବ। ପ୍ରତିକାର – ଅନାଥଙ୍କୁ ଦାନ କରଣୀୟ।ଧ

**ମକର** – ସପ୍ତାହଟି କର୍ମକ୍ଷେତ୍ରରେ ସୁସ୍ଥତା। ଆୟ ସୂଚନା, ସଞ୍ଚୟର ସୂଚନା, ବନ୍ଧୁମିଳନ ସୁଖ ସମ୍ବନ୍ଧ ଲାଭ। ପାରିବାରିକ ଆନନ୍ଦ। ଚାକିରିରେ ଚିନ୍ତାଶୂନ୍ୟତା। ବ୍ୟବସାୟରୁ ଲାଭ ପାଇବେ ଓ ଶିକ୍ଷାରେ ଶ୍ରମର ଫଳ ମିଳିବ। ପ୍ରତିକାର – ଓଁ ଶ୍ରୀ ଶନିଶ୍ଚରାୟ ନମଃ ମନ୍ତ୍ର ପାଠ କରଣୀୟ।

**କୁମ୍ଭ** – ସପ୍ତାହଟି ଅଶୁଭ ଫଳ ମଧ୍ୟରେ ବ୍ୟୟ ବୃଦ୍ଧି। ଶରୀର ଅସୁସ୍ଥ। କର୍ମକ୍ଷେତ୍ରରେ ବିଦ୍ରୋହ ବା ଅଶାନ୍ତି, ଶତ୍ରୁ ବୃଦ୍ଧି, ବନ୍ଧୁଙ୍କ ଭୟ ରହିଛି। ପରିବାରରେ କୁଟନୀତି ଦେଖା ଦେବ। ଚାକିରିରେ ଓ ବ୍ୟବସାୟରେ କ୍ଷତି ହେବ। ପ୍ରତିକାର – ଭଗବାନ ବିଷ୍ଣୁଙ୍କୁ ପୂଜା କରନ୍ତୁ।

**ମୀନ** – ସପ୍ତାହଟି ଫଳ ଆଦୌ ଶୁଭପ୍ରଦ ନୁହେଁ। କର୍ମକ୍ଷେତ୍ରରେ ନାନା ସମସ୍ୟା। କୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରତାରିତ ହୋଇ ପାରନ୍ତି। ଆୟ ଉତ୍ତମ ରହିବ। ପାରିବାରିକ ସୁଖ ଅବ୍ୟାହତ ଓ ସମ୍ମାନ ରକ୍ଷା ହେବ। ପ୍ରତିକାର – ସବୁଦିନ କଳା କୁକୁରକୁ ରୁଟି ଖାଇବାକୁ ଦିଅନ୍ତୁ।

ପ୍ରକୃତି ଓ ପର୍ଯ୍ୟଟନ

# ପ୍ରକୃତିର ଅନବଦ୍ୟ ଅବଦାନ- ନୂଆପଡ଼ା ଜିଲ୍ଲା

**ଅଧ୍ୟାପକ ପବିତ୍ର ମୋହନ ବାରିକ**

ନୂଆପଡ଼ା ଜିଲ୍ଲା ତା'ର ଇତିହାସ, ଐତିହ୍ୟ ଓ ସଂସ୍କୃତି ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଏହା ନିଃସନ୍ଦେହ। ଓଡ଼ିଶାର ୩୦ଟି ଜିଲ୍ଲା ମଧ୍ୟରୁ ଏହା ଅନ୍ୟତମ ଅନୁପମ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ବିଭବର ଗନ୍ତାଘର କହିଲେ କୌଣସି ଅତ୍ୟୁକ୍ତି ହେବ ନାହିଁ। ଘଞ୍ଚ ଜଙ୍ଗଲ, ଚିରସ୍ରୋତା ଝରଣା, ମନୋରମ ପାହାଡ଼, ହୃଦୟସ୍ପର୍ଶୀ ଜଳ ପ୍ରପାତର ପ୍ରାକୃତିକ ଶୋଭାରାଜି କିଣିନିଏ ସୌନ୍ଦର୍ଯ୍ୟ ପିପାସୁ, ପ୍ରକୃତିପ୍ରେମୀ ଓ ଅଭିସନ୍ଧିତ୍ସୁ ଗବେଷକମାନଙ୍କର ହୃଦୟକୁ। ପ୍ରକୃତିର ଅନୁପମ ଓ ଅପୂର୍ବ ଅବଦାନ ଅଟେ ନୂଆପଡ଼ା ଜିଲ୍ଲା। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସଂପଦ ଅତୁଳନୀୟ। ପ୍ରଶାସନିକ ସୁବିଧା ଦୃଷ୍ଟିରୁ ୨୭ ମାର୍ଚ୍ଚ ୧୯୯୩ ମସିହାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ନୂଆପଡ଼ା ଜିଲ୍ଲା ସୃଷ୍ଟି କରିଥିଲେ। ନୂଆପଡ଼ର ପ୍ରାଚୀନ ଇତିହାସ ଓ ରାଜନୀତି ଅତି ରୋମାଞ୍ଚକର ତଥା ହୃଦୟସ୍ପର୍ଶୀ, ପ୍ରାଚୀନ ସଭ୍ୟତାର ଏକ ଅଂଶ ବିଶେଷ ନୂଆପଡ଼ା ଜିଲ୍ଲା। ବଲାଙ୍ଗୀର, କଳାହାଣ୍ଡି, ବରଗଡ଼ ଓ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ସୀମାରେଖା ମଧ୍ୟରେ ନୂଆପଡ଼ା ଜିଲ୍ଲା ଅବସ୍ଥିତ। ୩,୪୦୮ ବର୍ଗ କି.ମି. କ୍ଷେତ୍ରଫଳ ମଧ୍ୟରୁ ୧୨୭୪ ବର୍ଗ କି.ମି. କ୍ଷେତ୍ରଫଳ କେବଳ ଘଞ୍ଚଜଙ୍ଗଲରେ ପରିପୂର୍ଣ୍ଣ ନୂଆପଡ଼ା ଜିଲ୍ଲା। ଏହା ପ୍ରକୃତିର ଏକ ବିଶେଷ ବରଦାନ। ଏହି ଜିଲ୍ଲାରେ ୫ଟି ବ୍ଲକ ଓ ୧୦ଟି ଥାନା ଅଛି। ୧୩୧ଟି ଗ୍ରାମ ପଞ୍ଚାୟତ ଓ ୬୫୨ ରାଜସ୍ୱ ଗ୍ରାମ ଅଛି। ଖରିଆଳ ଓ ନୂଆପଡ଼ା ଏହି ଜିଲ୍ଲାର ଦୁଇଟି ବିଧାନସଭା ମଣ୍ଡଳୀ। ଚତୁର୍ଥ ଶତାବ୍ଦୀରେ ଏହି ଅଞ୍ଚଳ ମହାକାନ୍ତାରରେ ଅନ୍ତର୍ଭୁକ୍ତ ଥିଲା। ସମୁଦ୍ର ଗୁପ୍ତଙ୍କ ଅଭିଯାନ ସମୟରେ ବ୍ୟାଘ୍ରରାଜା ଏ ଅଞ୍ଚଳରେ ଶାସନ କରୁଥିଲେ। ନଳରାଜା, ସ୍କନ୍ଧ, ବର୍ମନ, ଭାବଦତ୍ତ ବର୍ମନ ଇତ୍ୟାଦି ଏ ଅଞ୍ଚଳରେ ଶାସନ କରୁଥିଲେ। ନୂଆପଡ଼ାରେ ଅନେକ ଜଳପ୍ରପାତ, ବନ୍ଧ ଓ ମନ୍ଦିର ସହିତ ଅନେକ ପ୍ରାକୃତିକ ଦର୍ଶନୀୟ ସ୍ଥାନ ରହିଛି। ସେମାନଙ୍କ ମଧ୍ୟରେ ଋଷିପଟି ଅନ୍ୟତମ। ଏହା ଏକ ମନୋରମ ଐତିହ୍ୟ ସଂପନ୍ନ ପାହାଡ଼ ନୂଆପଡ଼ା ଠାରୁ ୮୦ କି.ମି. ଓ ଖରିଆଳଠାରୁ ୧୦ କି.ମି. ଦୂରରେ। ବିଶେଷକରି ନୂଆଁଖାଇ, ଦଶହରା, ବର୍ଷା ଓ ଶୀତ ଦିନେ ବହୁ ପ୍ରକୃତିପ୍ରେମୀ ଓ ଆଧ୍ୟାତ୍ମିକବାଦୀ ପର୍ଯ୍ୟଟକମାନଙ୍କର ସମାଗମ ହୋଇଥାଏ। ପ୍ରାକୃତିକ ଓ ଆଧ୍ୟାତ୍ମିକ ଭାବନାର ସମିଶ୍ରଣ ଘଟିଛି ପାତାଳ ଗଙ୍ଗାରେ। ଏହା ନୂଆପଡ଼ାଠାରୁ ୮୦ କି.ମି. ଓ ବୋଡ଼େନଠାରୁ ୫ କି.ମି. ଦୂରରେ ଅବସ୍ଥିତ। ବନବାସ ସମୟରେ ମା' ସୀତାଙ୍କୁ ଶୋଷ ହେବାରୁ ଲକ୍ଷ୍ମଣ ତୀରମାରି ପାତାଳ ଗଙ୍ଗା ସୃଷ୍ଟି କରେ ଏବଂ ଦେବୀ ଏଥିରୁ ଜଳପାନ କରି ତୃଷ୍ଣା ମେଣ୍ଟାଇ ଥିଲେ। କାର୍ତ୍ତିକ ପୂର୍ଣ୍ଣିମା, ଶିବରାତ୍ର ସମୟରେ ବହୁଯାତ୍ରୀ ଏଠାକୁ ଆସିଥାନ୍ତି। ଗାୟତ୍ରୀ, ରାଧାକ୍ରୀଷ୍ଣ ଓ ମହାମୃତ୍ୟୁଞ୍ଜୟ ମନ୍ଦିର ଏଠାରେ ଅବସ୍ଥିତ। ପାତାଳ ଗଙ୍ଗାର ଜଳ ନିର୍ମଳ, ଶୀତଳ ଓ ପବିତ୍ର ଏଥିରେ ସ୍ନାନ କଲେ ଅନେକ ରୋଗ ଭଲ ହେଉଥିବାର ଲୋକଙ୍କଠାରୁ ଶୁଣିବାକୁ ମିଳେ। ଚନ୍ଦ୍ର ଗ୍ରହଣ ଓ ସୂର୍ଯ୍ୟପରାଗ ସମୟରେ ପାତାଳ ଗଙ୍ଗାରେ ସ୍ନାନ ନିମନ୍ତେ ଶ୍ରଦ୍ଧାଳୁମାନଙ୍କର ଭିଡ଼ ଲାଗିଥାଏ। ପାତୋରା ବନ୍ଧ ନୂଆପଡ଼ା ଜିଲ୍ଲାର ପ୍ରାକୃତିକ ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ଆକର୍ଷଣର କେନ୍ଦ୍ରବିନ୍ଦୁ। ଏହି ବନ୍ଧକୁ ଜଳସେଚନ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ। ନୂଆପଡ଼ାଠାରୁ ୨୦ କି.ମି ଦୂର ପାତୋରାଠାରେ ଜଙ୍ଗ ନଦୀ ଉପରେ ଏହି ବନ୍ଧ ନିର୍ମିତ। ପାତୋରା ବନ୍ଧର ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଷସାରା ପ୍ରକୃତିପ୍ରେମୀ ଓ ଶ୍ରଦ୍ଧାଳୁମାନଙ୍କୁ ଆକର୍ଷିତ କରିଥାଏ। ଶିବଠାକୁରଙ୍କ ଉଦ୍ଦେଶ୍ୟରେ ଯୋଗେଶ୍ୱର ମନ୍ଦିର ସ୍ଥାନୀୟ ଧର୍ମ ପ୍ରାଣ ବ୍ୟକ୍ତିବିଶେଷ ଓ ଭଜନ ସମ୍ରାଟ ଗୁଲ୍‌ସନ୍ କୁମାରଙ୍କ ସହଯୋଗ କ୍ରମେ ନିର୍ମିତ ହୋଇଅଛି। ମନ୍ଦିର ଚର୍ତୁପାର୍ଶ୍ୱରେ ଅନେକ ଦେବଦେବୀଙ୍କର ମୂର୍ତ୍ତି ନିର୍ମିତ କରାଯାଇଅଛି। ସେମାନଙ୍କ ମଧ୍ୟରୁ ଭୋଲେନାଥ ଓ ହନୁମାନଜୀଙ୍କର ୪୦ ଫୁଟ ଉଚ୍ଚତାର ମୂର୍ତ୍ତି ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ। ରାଜୀବ ଉଦ୍ୟାନ ନାମରେ ଏକ ଉଦ୍ୟାନ ଏଠାରେ ଅବସ୍ଥିତ। ବିଭିନ୍ନ ପ୍ରଜାତିର ଫୁଲ, ଫଳ ଓ ଔଷଧୀୟ ବୃକ୍ଷ ଏହାର ଶୋଭାବର୍ଦ୍ଧନ କରୁଅଛି। ପ୍ରକୃତି, ଅର୍ଥନୀତି, ପର୍ଯ୍ୟଟନ, କୃଷି ଓ ସଂସ୍କୃତିର ଏକ ମିଳିତ ସମନ୍ୱୟ ସ୍ଥଳ ପାତୋରା ବନ୍ଧ ନୂଆପଡ଼ା ଜିଲ୍ଲାର ପରିଚୟ ଦେବାରେ ସମର୍ଥ ହୋଇଛି। ଟିଖାଲି ବନ୍ଧ ନୂଆପଡ଼ା ଜିଲ୍ଲାର ଅନ୍ୟ ଏକ ଦର୍ଶନୀୟ ସ୍ଥାନ। ଏହା ନୂଆପଡ଼ାଠାରୁ ୫୫କି.ମି. ଓ ଖରିଆଳଠାରୁ ୧୫ କି.ମି. ଦୂରରେ ଅବସ୍ଥିତ। ତେଲ ନଦୀର ଉପନଦୀ ନିମ୍ନ ଇନ୍ଦ୍ରାବତୀ ନଦୀରେ ଏହି ବନ୍ଧ ୧୯୯୭ ମସିହାରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ୨୦୦୯ରେ ଏହାର ନିର୍ମାଣ କାର୍ଯ୍ୟ ଶେଷ କରାଯାଇଥିଲା। ଖରିଆଳ ବ୍ଲକର ଦରଘା ଗ୍ରାମରେ ଏହି ବନ୍ଧ ଅବସ୍ଥିତ। କାର୍ଲାବୋଡ ସଂରକ୍ଷିତ ଜଙ୍ଗଲରେ ଏହି ବନ୍ଧ ଅନ୍ତର୍ଭୁକ୍ତ ଅଟେ। ଏଠାରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଅତି ମନୋରମ ଓ ମଧୁର। ଏହି ବନ୍ଧ ନିକଟରେ ଏକ ସୁନ୍ଦର ଉଦ୍ୟାନ ଅଛି। ଏହି ଉଦ୍ୟାନ ନିକଟରେ ଅଛି











ଜଳେଶ୍ୱର ଦେବଙ୍କର ମନ୍ଦିର। ନୂଆପଡ଼ା ଜିଲ୍ଲାରେ ଥିବା ଅନେକ ଜଳ ପ୍ରପାତ ମଧ୍ୟରେ ଗୋଧାସ୍ ଜଳ ପ୍ରପାତ ଅନ୍ୟତମ। ସୁନାବେଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟରେ ଏହା ଅବସ୍ଥିତ। ଏହା ନୂଆପଡ଼ାଠାରୁ ୨୯ କି.ମି ଓ ପାତୋରା ବନ୍ଧ ଠାରୁ ୧୦ କି.ମି. ଦୂରରେ ଅବସ୍ଥିତ। ଏହି ଜଳ ପ୍ରପାତର ଉଚ୍ଚତା ୨୦୦ ଫୁଟରୁ ଅଧିକ। କଟିଙ୍ଗପାଣି ଗ୍ରାମରେ ଏହି ଜଳପ୍ରାପତ ଅବସ୍ଥିତ। ଉଡ଼ନ୍ତ ଓ ସୀତାନଦୀ ଛତିଶଗଡ଼ ରାଜ୍ୟ ମଧ୍ୟରେ ପ୍ରବାହିତ ନଦୀ ଯାହାର ପାର୍ଶ୍ୱରେ ସୁନାବେଡ଼ା ବନ୍ୟାପ୍ରାଣୀ ଅଭୟାରଣ୍ୟ ଅବସ୍ଥତ। ଏଠାରେ ବାଘ, ଭାଲୁ, ହରିଣ, କଲରାପତରିଆ ବାଘ ବିଭିନ୍ନ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳେ। ସୁନାବେଡ଼ା ବନ୍ୟ ପ୍ରାଣୀ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ପାଇଁ ଭୂସ୍ୱର୍ଗ। ଏଥିରେ ଜଳ ପ୍ରପାତ, ଗୁମ୍ଫା, ଝରଣା ଓ ଦୁର୍ଗ ଅବସ୍ଥିତ। ଜୁମୁଲାଗଡ଼ ଓ ଗିରିବାମନ ଦୁର୍ଗ ଏହା ମଧ୍ୟରେ ଅବସ୍ଥିତ। ଏଠାରେ ମାରାଗୁଡ଼ାର ପ୍ରତ୍ନତାତ୍ତ୍ୱିକ ଅବଶେଷ ଦେଖିବାକୁ ମିଳେ। ପ୍ରାଚୀନ ସଭ୍ୟତା ମାରୁଗୁଡ଼ା ବୌଦ୍ଧ ସଂସ୍କୃତି ପାଇଁ ବିଖ୍ୟାତ। ସୁନାବେଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ କୋମନା ବ୍ଲକରୁ ୫୦ କି.ମି. ଦୂରରେ ଅବସ୍ଥିତ। ୬୦୦ ବର୍ଗ କି.ମି. କ୍ଷେତ୍ରଫଳ ବିଶିଷ୍ଟ ପରିବ୍ୟାପ୍ତ ଅଞ୍ଚଳରେ ସୁନାବେଡ଼ା ଅଭୟାରଣ୍ୟ ଅଛି। ଏହି ଅଞ୍ଚଳରେ ମା' ସୁନା ଦେଇ ଠାକୁରାଣୀଙ୍କ ପୂଜା କରାଯାଏ। ଦଶହରା ସମୟରେ ମା'ଙ୍କର ଛତରଯାତ୍ରା ଦେଖିବାକୁ ଜିଲ୍ଲା ବାହାରୁ ବହୁଭକ୍ତ ଆସନ୍ତି ମା'ଙ୍କର ଆର୍ଶୀବାଦ ନେବା ପାଇଁ। ନୂଆପଡ଼ାର ୫୦ କି.ମି ଦୂରରେ ସୁନାବେଡ଼ା ଅଭୟାରଣ୍ୟ ମଧ୍ୟରେ ରାଣୀ ମୁହାଁ ଜଳ ପ୍ରାପତ ଅଛି। ଏହି ଜଳ ପ୍ରପାତର ଉଚ୍ଚତା ୫୦ ଫୁଟ। କଣ୍ଟାଝୁଲ ଜଳ ପ୍ରପାତ ନୂଆପଡ଼ାଠାରୁ ୧୦ କି.ମି. ଦୂରରେ କୋବ୍ରା ଗାଁରେ ଅବସ୍ଥିତ। ବାଘଝୁଲା ଜଳପ୍ରପାତ ନୂଆପଡ଼ା ଠାରୁ ୧୦ କି.ମି. ଦୂର ତନୁଆଟ ଗାଁରେ ଅଛି। ଟିପାଖୋଲ ଜଳପ୍ରପାତ ସିନାପାଲ୍ଲୀ ଠାରୁ ୧୦ କି.ମି ଦୂରରେ ଅବସ୍ଥିତ। ଟିପାଖୋଲ ଗାଁର ଜଙ୍ଗଲ ମଝିରେ ଏହି ଜଳପ୍ରପାତ ଅଛି। ୭୦ରୁ ୮୦ ଫୁଟ ଉହାର ଉଚ୍ଚତା। ଟିପାଖୋଲାରେ ଛୋଟବଡ଼ ଚାରି-ପାଞ୍ଚଟି ଜଳପ୍ରପାତ ଅଛି।

ନୂଆପଡ଼ାଠାରୁ ୫୦କି.ମି ଦୂରରେ ସୁନାବେଡ଼ା ଅଭୟାରଣ୍ୟ ମଧ୍ୟରେ ଖରଲଦାସ ଜଳପ୍ରପାତ ଅବସ୍ଥିତ। ଏହାର ପାଖକୁ ଯିବାର ବିଶେଷ ସୁବିଧା ନାହିଁ। ଆନିଦାସ ଜଳ ପ୍ରପାତ ଅନ୍ୟତମ ସୁନ୍ଦର ଦର୍ଶନୀୟ ସ୍ଥାନ ନୂଆପଡ଼ା ଜିଲ୍ଲାରେ। ବୁଢ଼ୀ କୋମନାଠାରେ ପାତାଳେଶ୍ୱର ଶିବ ମନ୍ଦିର ଅବସ୍ଥିତ। ପଞ୍ଚରଥ ଶୈଳୀରେ ଏହି ମନ୍ଦିର ନିର୍ମିତ। କଳା ଓ ସ୍ଥାପତ୍ୟ ଦୃଷ୍ଟିରୁ ଯଥେଷ୍ଟ ଗୁରୁତ୍ୱ ରଖେ। ମହା ଶିବରାତ୍ରିରେ ଓଡ଼ିଶା ଓ ଓଡ଼ଶା ବାହାରୁ ବହୁ ଭକ୍ତମାନେ ଏଠାକୁ ଆସନ୍ତି। ଉପ୍‌କା ଗଙ୍ଗା ଝରଣା ଯାହା ପାତାଳ ଗଙ୍ଗା ସହିତ ସଂଯୁକ୍ତ ଅଛି ବୋଲି କୁହାଯାଏ। ଏହା ନୂଆପଡ଼ାଠାରୁ ୬୦ କି.ମି ଦୂରରେ ଅବସ୍ଥିତ। ଗୁରୁ ଡଙ୍ଗର ଓ ପତି ଡଙ୍ଗର ମଧ୍ୟରେ ଏହ ଝରଣା ପ୍ରବାହିତ। ଶିବ ଓ ଜଗନ୍ନାଥ ମନ୍ଦିର ଏଠାରେ ଅଛି। ପ୍ରକୃତିର ଅନୁପମ ସୃଷ୍ଟି ଏହି ସ୍ଥାନକୁ ଅନେକ ପ୍ରକୃତି ପ୍ରେମୀ ଓ ଶ୍ରଦ୍ଧାଳୁ ଏଠାକୁ ଆସନ୍ତି। ସାଲିହା ସ୍ମୃତିସ୍ତମ୍ଭ ନୂଆପଡ଼ାଠାରୁ ୫କି.ମି ଦୂରରେ ଅବସ୍ଥିତ। ୧୯୩୦ ମସିହା ଲବଣ ସତ୍ୟାଗ୍ରହ ପରିପ୍ରେକ୍ଷୀରେ ସହିଦ୍ ହୋଇଥିବା ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମିତ। ଏହା ଏକ ଦର୍ଶନୀୟ ସ୍ଥାନ ଦେଶ ଓ ଜାତିପ୍ରେମୀ ବ୍ୟକ୍ତି ବିଶେଷ ଏଠାକୁ ଆସି ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରନ୍ତି। ନୂଆପଡ଼ା ଜିଲ୍ଲାର ଐତିହାସିକ ସହର ଖରିଆଳରେ ୫୦ ବର୍ଷରୁ ଉର୍ଦ୍ଧ୍ୱ ଶ୍ରୀ ଦଧିବାମନ ଜୀଉ ମନ୍ଦିର ଅବସ୍ଥିତ। ଏହା ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ଦିଗରେ ନିରବଚ୍ଛିନ୍ନ ଭାବରେ ପ୍ରୟାସ ଜାରି ରଖିଛି। ଖରିଆଳ ସହରରେ ଅବସ୍ଥିତ ରାଜବାଟୀ ଓ ସେ ସଂପର୍କିତ ସ୍ମୃତି ମଧ୍ୟ ଆଜି ଉଜ୍ଜୀବିତ। ଯୋଗୀମଠ ଗୁମ୍ଫା ନୂଆପଡ଼ାଠାରୁ ୮୨ କି.ମି ଓ ଖରିଆଳଠାରୁ ୯୧କି.ମି ଦୂରରେ ଅବସ୍ଥିତ। ଏହା ଏକ ଐତିହାସିକ ସ୍ଥାନ। ପ୍ରାକ୍ ଐତିହାସିକ ଚିତ୍ର କଳା ପାଇଁ ଏ ସ୍ଥାନ ପ୍ରସିଦ୍ଧ। ପ୍ରସ୍ତର ଉପରେ ଖୋଦିତ ଗେରୁଆ ରଙ୍ଗର ପ୍ରାଚୀନ ଲିପି ଯଥେଷ୍ଟ ଐତିହାସିକ ଗୁରୁତ୍ୱ ବହନ କରେ। ପ୍ରତ୍ନତାତ୍ତ୍ୱିକ ଖନନରୁ ପ୍ରାକ୍ ଐତିହାସିକ ଯୁଗର ଅନେକ ଐତିହାସିକ ଉପାଦାନମାନ ଆବିଷ୍କୃତ ହୋଇପାରିଛି। ଆଉ ମଧ୍ୟ ଏକ ପ୍ରାଚୀନ ଜନବସତିର ସୂଚନା ମଧ୍ୟ ଏଠାରୁ ମିଳିଛି। ଐତିହାସିକ ଗବେଷଣା ଓ ଅଧ୍ୟୟନ ପାଇଁ ଏହା ଏକ ଉଲ୍ଲେଖନୀୟ ସ୍ଥାନ। ନୂଆପଡ଼ା ଜିଲ୍ଲା ପ୍ରକୃତ ଓ ସଂସ୍କୃତିର ଏକ ଅଭିନବ ସ୍ଥାନ। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ସର୍ବଦା ପ୍ରକୃତିପ୍ରେମୀ, ସୌନ୍ଦର୍ଯ୍ୟ ପିପାସୁ ଓ ଜୀବ-ଉଦ୍ଭିଦ୍ ବିଜ୍ଞାନରେ ରୁଚି ରଖିଥିବା ଗବେଷକମାନଙ୍କୁ ଆକୃଷ୍ଟ କରିଥାଏ। ନୂଆପଡ଼ା ଜିଲ୍ଲାର ଶାନ୍ତ, ସରଳ, ସ୍ୱଚ୍ଛ ଓ ନିର୍ମଳ ପ୍ରାକୃତିକ ପରିବେଶ ମନ ଓ ହୃଦୟରେ ଶାନ୍ତି, ଆନନ୍ଦ ଓ ଐଶ୍ୱରୀୟ ସତ୍ତାକୁ ଅନୁଭବ କରାଇଥାଏ।

**ଇତିହାସ ବିଭାଗ, ସନାତନ ହରିଚନ୍ଦନ ମହାବିଦ୍ୟାଳୟ,**
**ମଦନପୁର, ଖୋର୍ଦ୍ଧା-୭୫୨୦୫୪**
**ମୋ- ୮୮୯୫୧୯୦୪୭୫**

ମନୋରଞ୍ଜନ



# ଆଶାବାଦୀ ପ୍ରଭାସ:







ରିଲିଜ୍ ହୋଇଯାଇଛି ବହୁଚର୍ଚ୍ଚିତ ତେଲୁଗୁ ସୁପରଷ୍ଟାର ପ୍ରଭାସଙ୍କ ଅଭିନୀତ ଫିଲ୍ମ 'ଦ ରାଜା ସାବ'। ଗତ ୯ ତାରିଖରେ ପ୍ରେକ୍ଷାଳୟରେ ମଞ୍ଚସ୍ଥ ହୋଇଥିଲା ଫିଲ୍ମ 'ଦ ରାଜା ସାବ' ଯାହା ପ୍ରଥମ ଦିନରେ ହିଁ ରେକର୍ଡ ଭାଙ୍ଗିଥିଲା। ପ୍ରଭାସଙ୍କ ଫିଲ୍ମ ଗତ ବର୍ଷ ରିଲିଜ୍ ହୋଇଥିବା ଭିକି କୌଶଲଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ଛାବା'କୁ ପଛରେ ପକେଇ ଏକ ବିରଳ ରେକର୍ଡ ସୃଷ୍ଟି କରିଥିଲା ଏହି ଫିଲ୍ମ ପ୍ରଥମ ଦିନରେ ବକ୍ସ ଅଫିସରେ ୫୪.୧୫ କୋଟି ଟଙ୍କା ଆୟ କରିଥିଲା। ଏହି ଫିଲ୍ମରେ ପ୍ରଭାସଙ୍କ ସହ, ଦେଖିବାକୁ ମିଳିଛନ୍ତି ସଞ୍ଜୟ ଦତ୍ତ, ଜରିନା ୱାହାବ, ବୋମନ ଇରାନୀ, ମାଳବିକା ମୋହନ, ନିଧି ଅଗ୍ରୱାଲ ଏବଂ ରିଦ୍ଧି କୁମାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ସିନେମାଟୋଗ୍ରାଫି କାର୍ତ୍ତିକ ପଲାନି କରିଥିବା ବେଳେ ସଙ୍ଗୀତ ଦେଇଛନ୍ତି ଥମନ ଏସ୍ ଏବଂ ଫିଲ୍ମର ନିର୍ମାତା ଅଟନ୍ତି ଟିଜି ବିଶ୍ୱ ପ୍ରସାଦ। ଫିଲ୍ମ ବଜେଟ୍ ୪୦୦ ରୁ ୫୦୦ ନିର୍ମାଣ ହୋଇଥିବା ବେଳେ ଏଯାବତ୍ ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରିସାରିଛି।


# ଓଡ଼ିଆ ଫିଲ୍ମ 'ଚ୍ୟାଲେଞ୍ଜ' ଟିଭି ପ୍ରିମିୟର



ଦଶହରା ଉପଲକ୍ଷେ ବଡ଼ ପରଦାରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଫିଲ୍ମ 'ଚ୍ୟାଲେଞ୍ଜ'ର ଟିଭି ପ୍ରିମିୟର। ଏହି ଫିଲ୍ମ ଆସନ୍ତା ୧୧ ଜାନୁଆରୀ ସନ୍ଧ୍ୟା ୬.୩୦ରେ ଏଇ ନୂଆ ବର୍ଷରେ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି। ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ହୋଇଥିବା ବଡ଼ ବଜେଟ୍‌ର ଓଡ଼ିଆ ଚଳଚ୍ଚିତ୍ର 'ଚ୍ୟାଲେଞ୍ଜ'ରେ ରିଅଲ୍ ଷ୍ଟାର ଅର୍ଦ୍ଧେନ୍ଦୁ ସାହୁଙ୍କ ଆକ୍ସନ ସାଙ୍ଗକୁ ଚୁଲବୁଲି ଏଲିନା ସାମନ୍ତରାୟଙ୍କ ସହିତ ପ୍ରେମ କାହାଣୀ ଦର୍ଶକଙ୍କୁ ଢେର ମନୋରଞ୍ଜନ ଯୋଗାଇଥିଲା। ସମସ୍ତଙ୍କର ପ୍ରିୟ ଆଲବମ କୁଇନ୍ ଲିପି ଓ ପୁପିଙ୍କ ଜାଇଫୁଲ ଯୋଡିକୁ ଦର୍ଶକ ଢେର ଭଲ ପାଇବା ମଧ୍ୟ ଦେଇଥିଲେ। ସାଇ କିରଣ ମଙ୍ଗରାଜଙ୍କ ନିର୍ଦ୍ଦେଶିତ ଓ ମାନସ ପଡ଼ିଆରୀଙ୍କ କାହାଣୀ ଓ ସଂଳାପରେ ଅନେକ ଅଭିଜ୍ଞ କଳାକାର ଅଭିନୟ କରିଛନ୍ତି। ଅଭିନେତା ରବି ମିଶ୍ର, ପୃଥ୍ୱୀରାଜ ନାୟକ, ରତନ ମେହେର, ହରିହର ମହାପାତ୍ର, ଶକ୍ତି ବରାଳ, ମାମୁନି ମିଶ୍ର, ସନ୍ତୁ ନିଜେ, ଭକ୍ତି ଓ ବିଭାସ ପ୍ରମୁଖ ଅଭିନୟ କରିଛନ୍ତି। ବଲିଉଡର ଖ୍ୟାତନାମା କଳାକାର ପୁନିତ ଇଶାର ଓରଫ ଦୁର୍ଯ୍ୟୋଧନ ପ୍ରଥମଥର ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରିଥିବାରୁ ଚ୍ୟାଲେଞ୍ଜ ଦେଖିବାକୁ ଦର୍ଶକଙ୍କର ବହୁତ ଆଗ୍ରହ ରହିଥିଲା। ସୁପର ଆକ୍ସନ, ଭରପୁର ଫାମିଲି ଡ୍ରାମା ସାଙ୍ଗକୁ ଜବରଦସ୍ତ ଗୀତ ଆଉ ନାଚର ମଜା ନେଇଥିଲେ ଦର୍ଶକ। ଚ୍ୟାଲେଞ୍ଜ ଚଳଚ୍ଚିତ୍ରର ଥିବା ଗୀତ ଗୁଡିକୁ ଗୌରବ ଆନନ୍ଦ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ସମସ୍ତ ଗୀତଗୁଡିକୁ ଅମିତ ନାୟକ ନୃତ୍ୟ ନିର୍ଦ୍ଦେଶନା ଦେଇଥିବା ବେଳେ ଦୁଲଦୁଲି ଏବଂ ଭାଙ୍ଗ ଗୀତ ବେଶ ଚହଳ ସୃଷ୍ଟି କରିଥିଲା।



# ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ: ସେଲିବ୍ରେଟି ୱିଥ୍ ଲିଟିଲ ମାଷ୍ଟର୍ସ



ଲୋକପ୍ରିୟ ଓଡିଆ ଚ୍ୟାନେଲ ଜୀ ସାର୍ଥକରେ ଓଡିଶାର ସବୁଠାରୁ ବଡ ଡାନ୍ସ ରିଆଲିଟି ଶୋ 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ' ଏକ ନୂଆ ସିଜନ୍ ସହ ପୁଣି ଫେରିଛି ଟିଭି ପରଦାକୁ, ଯାହାକୁ ଏବେ 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ – ସେଲିବ୍ରିଟି ୱିଥ୍ ଲିଲ୍ ମାଷ୍ଟର୍ସ' ଭାବରେ ପୁନଃକଳ୍ପିତ କରାଯାଇଛି। ଏହାର ସମସ୍ତ ନୂଆ ନୂଆ ଏପିସୋଡ୍ ହୋଇଛି ଦମଦାର ଓ ରୋମାଞ୍ଚକର, କାରଣ ଏଥର ଓଡିଶା ଇତିହାସରେ ପ୍ରଥମଥର ପାଇଁ ଲୋକପ୍ରିୟ ଓଡ଼ିଆ ସେଲିବ୍ରେଟିମାନଙ୍କୁ ଅସାଧାରଣ ପ୍ରତିଭାଶାଳୀ ଶିଶୁ ପ୍ରତିଯୋଗୀମାନଙ୍କ ସହ ଯୋଡ଼ିଛି ଏହି ଡାନ୍ସ ରିଆଲିଟି ଶୋ। ଏଥର ୧୦ ଜଣ ସେଲିବ୍ରିଟି ଏବଂ ୧୦ ଜଣ ଲିଟିଲ୍ ମାଷ୍ଟର୍ସ ଦୁଇଟି ଦଳ ଗଠନ କରିଛନ୍ତି, ଯାହାର ନାମ ହେଲା ରଙ୍ଗବତୀ ୨.୦ ଆଉ ଲଚକମଣି ୨.୦, ଯେଉଁମାନେ ହାଇ ଭୋଲଟେଜ୍, ରୋମାଣ୍ଟିକ୍, ଫେଷ୍ଟିଭାଲ୍, କମେଡି, ଆଇଟମ୍ ନମ୍ବର ଏବଂ ଅନ୍ୟାନ୍ୟ ରୋମାଞ୍ଚକର ଥିମ୍ ରାଉଣ୍ଡରେ ପ୍ରତିଯୋଗିତା କରି ଦର୍ଶକଙ୍କ ମନ ଜିତିଛନ୍ତି ଯେଉଁଥିପାଇଁ ଜୀ ସାର୍ଥକ ଟିମ୍ ତା'ର ସମସ୍ତ ଦର୍ଶକଙ୍କୁ ଧନ୍ୟବାଦ ଜଣାଇଛି। ସେଲିବ୍ରେଟି ନିକିତା, ଦେବସ୍ମିତା, ଅନନ୍ୟା, ରୋମ୍ୟାଞ୍ଜଳି, ସୁଶ୍ରୀ, ପିହୁ, ସୋନାଲିସା, ସୁଲଗ୍ନା, ହିତେସା ଓ ମାନସୀ ପ୍ରତ୍ୟେକ ଏପିସୋଡରେ ନୃତ୍ୟର ବିଭିନ୍ନ ଶୈଳୀ ମାଧ୍ୟମରେ ନିଜର ଲିଟିଲ୍ ମାଷ୍ଟର୍ସ ଯୋଡିମାନଙ୍କ ସହ ନିଜର ନୃତ୍ୟକଳା ଦ୍ୱାରା ଓଡ଼ିଶାର ଦର୍ଶକଙ୍କ ପାଇଁ ଆଣିଛନ୍ତି ଏକ ନୂତନ ଅନୁଭୂତି। ଏହି ଶୋ ପ୍ରତି ଶନିବାର ଓ ରବିବାର ସନ୍ଧ୍ୟା ୯:୩୦ରେ ପ୍ରସାରିତ ହେଉଛି କେବଳ ଜୀ ସାର୍ଥକରେ।

# ଜଣେ ଯବାନଙ୍କ କାହାଣୀ



୧୯୭୧ରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଦ୍ୱିତୀୟ ଯୁଦ୍ଧରେ ୨୧ ବର୍ଷୀୟ ଯୁବ ଯବାନଙ୍କ ପରାକାଷ୍ଠାକୁ ନେଇ ରିଲିଜ୍ ହୋଇଛି ଫିଲ୍ମ 'ଇକ୍କୀସ'। ଯାହାର ନିର୍ଦ୍ଦେଶନା ଭାର ନେଇଛନ୍ତି ବଲିଉଡର ଜଣାଶୁଣା ନିର୍ଦ୍ଦେଶକ ଶ୍ରୀରାମ ରାଘବନ। ୧୯୭୧ରେ ସହିଦ ହୋଇଥିବା ୨୧ ବର୍ଷୀୟ ଯବାନ ଅରୁଣ କ୍ଷେତ୍ରପାଲ୍ ଯାହାଙ୍କ ପରାକ୍ରମ ପାଇଁ ପରବର୍ତ୍ତୀ ସମୟରେ ସର୍ବକନିଷ୍ଠ 'ପରମ ବୀରଚକ୍ର' ପୁରସ୍କାର ଦିଆଯାଇଥିଲା। ଏହି ଫିଲ୍ମରେ ଯବାନ ଅରୁଣ କ୍ଷେତ୍ରପାଳଙ୍କ ଭୂମିକାରେ ଦେଖା ଦେଇଛନ୍ତି ଅଗସ୍ତ୍ୟ ନନ୍ଦା। ତାଙ୍କ ପିତା ତଥା ବ୍ରିଗେଡିଅର ମଦନ ଲାଲ କ୍ଷେତ୍ରପାଲ ଭୂମିକାରେ ଅଛନ୍ତି ବରିଷ୍ଠ ଅଭିନେତା ସ୍ୱର୍ଗତ ଧର୍ମେନ୍ଦ୍ର। ସେହିପରି ପାକିସ୍ତାନୀ ବ୍ରିଗେଡିୟର ଜାନ ମହମ୍ମଦ ନିସାରଙ୍କ ଭୂମିକାରେ ଅଛନ୍ତି ଜୟଦୀପ ଅଲୱାତ। ଉକ୍ତ ଫିଲ୍ମ ଟି ୬୦ କୋଟି ଟଙ୍କାର ବଜେଟ୍‌ରେ ନିର୍ମାଣ ହୋଇଥିବା ବେଳେ ଏହା ଚଳିତ ମାସ ୧ ତାରିଖରେ ବଡ଼ ପରଦାକୁ ଆସିଛି। ଯାହା ଏଯାବତ୍ ବିଶ୍ୱସ୍ତରରେ ମାତ୍ର ୨୯ କୋଟି ଟଙ୍କା ଆୟ କରିଛି। ଏହି ଚଳଚ୍ଚିତ୍ରର ସଂଳାପ, ସିନେମାଟୋଗ୍ରାଫି, ଗୀତ, ପୃଷ୍ଠଭୂମି ସଂଗୀତ ଖୁବ ପ୍ରଭାବଶାଳୀ ହୋଇଥିଲେ ମଧ୍ୟ ଏହା ବକ୍ସ ଅଫିସ ବିଶେଷ କିଛି ପ୍ରଭାବ ପକାଇ ପାରିନାହିଁ।



# ଆଜାଦ୍ ଭାରତ: ସଂଘର୍ଷର ଏକ କାହାଣୀ



ଜାତୀୟସ୍ତରରେ ଅନେକ ଫିଲ୍ମ ନିର୍ମାଣ କରାଯାଇଛି, ଯାହା ଦେଶାତ୍ମବୋଧର କଥା କହିଛି। ଦେଶର ଗୌରବମୟ ଅଧ୍ୟାୟ ସହ ଯୋଡ଼ି ଯାଇଥିବା ସଂଘର୍ଷ କେବଳ ସ୍ୱାଧୀନତା ପାଇଁ ନୁହେଁ ବରଂ ନ୍ୟାର୍ଯ୍ୟ ପାଇଁ ଅନେକଙ୍କୁ ମୂଲ୍ୟବାନ ଜୀବନ ବଳି ଦେବାକୁ ପଡ଼ିଛି। ସେମିତି ଏକ ସଂଘର୍ଷପୂର୍ଣ୍ଣ କାହାଣୀକୁ ନେଇ ଆଜାଦ୍ ଭାରତ ପରଦାକୁ ଆସିଛି। ଝାନସୀ ରାଣୀଙ୍କୁ ଫୋକସ୍ କରି ନିର୍ମାଣ କରାଯାଇଥିବା ଫିଲ୍ମଟିକୁ ରୂପା ଆୟାର ନିର୍ଦ୍ଦେଶନା ଦେବା ସହିତ କାହାଣୀ ମଧ୍ୟ ଲେଖିଛନ୍ତି। ଇଣ୍ଡିଆନ କ୍ଲାସିକ୍ ଆର୍ଟ ପ୍ରଡ଼କସନ୍ ବ୍ୟାନରରେ ନିର୍ମାଣ କରାଯାଇଥିବାବେଳେ ସ୍ୱାମୀନତା ସଂଗ୍ରାମର ଭିନ୍ନ ଏକ ବୀରତ୍ୱ କାହାଣୀକୁ ବର୍ଣ୍ଣନା କରାଯାଇଛି। ମୁଖ୍ୟ ଷ୍ଟାରକାଷ୍ଟରେ ରହିଛନ୍ତି, ଶ୍ରେୟାସ୍, ରୂପା ଆୟାର, ସୁରେଶ ଓବରେଇ, ସୁଚେନ୍ଦ୍ର ପ୍ରସାଦ, ସୁବାସ ଚନ୍ଦ୍ର, ବୈଜୟନାଥ ବିରାଦର, ଇନ୍ଦିରା ତିୱାରୀ।

ଲାଳନ ପାଳନ

# ନିହାତି ଜାଣିବା କଥା

**ପାଠପଢ଼ିବା ବେଳେ ପ୍ରାୟତଃ ପିଲାଙ୍କର ସେତେଟା ମନ ଲାଗି ନଥାଏ। ଖେଳକୁଦ, ସାଙ୍ଗମାନଙ୍କ ସହ ମଜାମସ୍ତି ଓ ପରିବାରର ସୁଖ ଆନନ୍ଦ ଭିତରେ ପ୍ରାୟତଃ ଅନେକାଂଶରେ ପିଲାମାନଙ୍କର ପାଠପଢ଼ାରେ ମନ ଲାଗି ନଥାଏ। ଆସନ୍ତୁ ପିଲାମାନଙ୍କର ପଢ଼ା ପ୍ରତି ଅମନଯୋଗୀ ଗୁଣ ପାଇଁ କିଛି ଆଲୋଚନା କରିବା।**



**ଅନ୍ୟମନସ୍କ ହେବାଠୁ ଦୂରେଇ ରୁହନ୍ତୁ :** ପିଲାଙ୍କ ମନ ପଢ଼ାରେ ଲଗାଇବାକୁ ହେଲେ ସେମାନେ ଅନ୍ୟମନସ୍କ ହେବାଠୁ ନିଜକୁ ଦୂରେଇ ରଖନ୍ତୁ। ପାଠପଢ଼ା ସମୟରେ ପିଲା ମୋବାଇଲ, ଟିଭି ଏବଂ ଅନ୍ୟ ଇଲେକ୍ଟ୍ରୋନିକ୍ ଡିଭାଇସ୍ କିମ୍ବା ଖେଳନା ଠାରୁ ଦୂରେଇ ରଖିଲେ ଭଲ। ଏସବୁ ଜିନିଷ ତାଙ୍କ ପାଖାପାଖି ନ ରହିଲେ ଭଲ। ଫଳରେ ସେମାନେ ମନ ଏଣେ ତେଣେ ନ ହୋଇ ପାଠପଢ଼ାରେ ଲାଗିବ।

**ଟାଇମ୍ ଟେବୁଲ ଜରୁରୀ :** ପାଠପଢ଼ାରେ ମନ ଲଗାଇବାକୁ ହେଲେ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରନ୍ତୁ। ନିଜର ଟାଇମ୍ ଟେବୁଲ୍ ସେଟ୍ କରନ୍ତୁ। ସେହି ଅନୁଯାୟୀ ପାଠ ପଢ଼ିବାକୁ ଚେଷ୍ଟା କରନ୍ତୁ। ଯାହା ଫଳରେ ଏକାଗ୍ରତା ବଢ଼ିଥାଏ। ଏହାଦ୍ୱାରା ପାଠପଢ଼ାରେ ଫୋକସ୍ କରିପାରିବେ।


**ଡିସିପ୍ଲିନ୍ ରହିବା :** ଅଧିକାଂଶ ପିଲାଙ୍କୁ ପାଠପଢ଼ା ସମୟରେ ଭୋକ ଲାଗିଥାଏ। ଟୟଲେଟ୍ ଯିବା ଏବଂ ନିଦ ଆସିବା ଭଳି କେତେକ ବାହାନା କରିଥାନ୍ତି। ଏହାଦ୍ୱାରା ସେମାନେ କୌଣସି ପ୍ରକାର ବାହାନା କରି ପାଠପଢ଼ାଠୁ ନିଜକୁ ଦୂରେଇ ରଖନ୍ତି। ଏଥିପାଇଁ ପିଲାଙ୍କୁ ପଢ଼ିବା ସମୟରେ ଡିସିପ୍ଲିନ୍ ପାଳନ କରିବା ଆବଶ୍ୟକ। ଏହାଦ୍ୱାରା ତାଙ୍କର ଖାଇବା, ଖେଳିବା ଓ ଶୋଇବା ଟାଇମ୍ ପୂର୍ବରୁ ଫିକ୍ସ ହେଲେ ଭଲ। ଫଳରେ ପଢ଼ିବା ସମୟରେ କେବଳ ପିଲା ପାଠପ୍ରତି ଧ୍ୟାନ ଦେବ, ଅନ୍ୟ କୌଣସି କାମରେ ନୁହଁ।

**ଶାନ୍ତିପୂର୍ଣ୍ଣ ବାତାବରଣ :** ପାଠପଢ଼ା ସମୟରେ ପିଲା ସମ୍ପୂର୍ଣ୍ଣ ରୂପେ ପାଠପ୍ରତି ଧ୍ୟାନ ଦେବା ଆବଶ୍ୟକ। ଯେଉଁଠି ଅଧିକ କୋଳାହଳପୂର୍ଣ୍ଣ ବାତାବରଣ ରହିଛି ସେ ସ୍ଥାନରେ ପାଠ ପଢ଼ିବାଠୁ ନିଜକୁ ଦୂରେଇ ରଖନ୍ତୁ। ପଢ଼ିବା ସମୟରେ ଏପରି ସ୍ଥାନ ଚୟନ କରନ୍ତୁ ଯେଉଁଠାରେ ପରିବେଶଟି ଶାନ୍ତିପୂର୍ଣ୍ଣ ଥିବ। ଯାହା ଫଳରେ ପିଲା ଫୁଲ କନ୍‌ସନ୍‌ଟ୍ରେଟ୍ କରିପାରିବ। ଏହାଦ୍ୱାରା ପିଲା ବାରମ୍ବାର ଡିଷ୍ଟର୍ବ ହେବନି।



**ଶାର୍ପ ମାଇଣ୍ଡ ଗେମ୍ସ :** ପିଲାଙ୍କ ମାଇଣ୍ଡ ସାର୍ପ ରଖିବାକୁ ହେଲେ ଶାର୍ପ ମାଇଣ୍ଡ ଗେମ୍ସର ସହାୟତା ନେଇପାରିବେ। ଏହାଦ୍ୱାରା ପିଲାର ଏକାଗ୍ରତାର ବିକାଶ ହୋଇଥାଏ। ପିଲାମାନେ ସେନ୍‌ଟେନ୍ସ ମେକିଂ ଗେମ୍ କିମ୍ବା ପଜଲ୍ ଖେଳିବା ଆବଶ୍ୟକ। ଏହାଦ୍ୱାରା ପିଲାଙ୍କ ମସ୍ତିଷ୍କ ସକ୍ରିୟ ରହିବ ଏବଂ ତାଙ୍କ କନ୍‌ସେଣ୍ଟ୍ରେସନ୍ ପାୱାର ମଧ୍ୟ ବଢ଼ିବ।

ଆଗ୍ରହ : ପାଠ ପଢ଼ିବାକୁ ହେଲେ ମନରେ ସେତିକି ଆଗ୍ରହ ରହିବା ଆବଶ୍ୟକ। ଏହାଦ୍ୱାରା ପଢ଼ାରେ ମନ ଲାଗିବ। ପଢ଼ାପ୍ରତି ଯଦି ଆଗ୍ରହ ନ ରହିଲା ତେବେ ପାଠପଢ଼ା ପାଖରେ ବସି ରହିଲେ କିଛି ବି ପାଠ ମନେ ରହିବ ନାହିଁ।




**ଖାଦ୍ୟ :** ପାଠପଢ଼ାରେ ମନ ଦେବାକୁ ହେଲେ ଖାଦ୍ୟର ମଧ୍ୟ ଆବଶ୍ୟକତା ରହିଛି। ଯଦି ପିଲା ଖାଲି ପେଟରେ ପାଠ ପଢ଼ିବେ ତେବେ ପଢ଼ାରେ ତାଙ୍କର ମନ ଲାଗିବ ନାହିଁ। ସେଥିଲାଗି ପିଲା ଖାଦ୍ୟ ଖାଇବା ପରେ ପଢ଼ି ବସିଲେ ତାର ପାଠ ପ୍ରତି ଆଗ୍ରହ ରହିବ।

**ଉତ୍ତମ ପୁସ୍ତକ ପଠନ-**
ପିଲାଙ୍କୁ ଟିଭି କି ମୋବାଇଲରୁ ବିରତ କରି ଉତ୍ତମ ପୁସ୍ତକ ପ ଢ଼ିବାକୁ ଉତ୍ସାହିତ କରିବା ଉଚିତ। ଭଲ ବହି ପିଲାଙ୍କୁ ଅନେକ କିଛି ଶିଖିବାକୁ ସାହାଯ୍ୟ କରିବ। ବିଭିନ୍ନ ମହାପୁରୁଷଙ୍କ ଜୀବନକାହାଣୀ ପ ଢ଼ିବାକୁ ଦେଲେ, ତାହା ସେମାନଙ୍କ ଜୀବନ ଉପରେ ଅନେକ ପ୍ରଭାବ ପକାଇବ।

କ୍ୟାରିୟର

# କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦିଅନ୍ତୁ



ସମସ୍ତଙ୍କୁ ସବୁ ସମୟରେ ଉପଯୁକ୍ତ ପଦବୀ ମିଳିବ, ଏହା ଆଶା କରିବା ଉଚିତ ନୁହେଁ। ଅନେକ ସମୟରେ ଚାକିରି କ୍ଷେତ୍ରରେ ଆମକୁ କମ୍ପ୍ରମାଇଜ୍ କରିବାକୁ ପଡ଼େ। ପଦବୀ ଉଚିତ ଯଦି ମିଳିନି, କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିବା ଉଚିତ ନୁହେଁ। ଯେଉଁମାନେ ଏହି ପଦବୀକୁ ନେଇ କାର୍ଯ୍ୟର ଅବହେଳା କରନ୍ତି, ସେମାନେ କେବେ ଆଗକୁ ଯାଇପାରନ୍ତି ନାହିଁ। ଯଦି ପଦବୀ ନମିଳିଛି, ତାହେଲେ ନିଜକୁ କାର୍ଯ୍ୟ କରି ପ୍ରମାଣିତ କରିବାକୁ ପଡ଼ିବ। ନିଜ ଦକ୍ଷତା ଯଦି ଉପରିସ୍ଥ କର୍ମକର୍ତ୍ତାଙ୍କୁ ଦେଖାଇପାରିଲେ, ପଦବୀ ମିଳିବା କିଛି କଷ୍ଟ ହେବନାହିଁ। ସବୁଠାରୁ ବଡ଼ କଥା ହେଲା ନିଜର କାର୍ଯ୍ୟଶୈଳୀ, ଶୃଙ୍ଖଳା, ଦକ୍ଷତା ଯଦି ଠିକ୍ ରହିଲା, ତାହେଲେ ନିଜକୁ ଠିକ୍ ଭାବରେ ପ୍ରମାଣ କରିପାରିବେ। ଯଦି ପଦବୀ ଆଶାରେ ନିଜର ପରିଶ୍ରମକୁ ଅବହେଳା କରିବେ, ସେହି ପଦବୀରେ ଚାକିରି ବି ମିଳିବା କଷ୍ଟ ହୋଇପାରେ। ଅନେକ ସମୟରେ ଆମ ମନରେ ଅବସୋସ ଆସିଥାଏ। ଶିକ୍ଷାଗତ ଯୋଗ୍ୟତା, କାର୍ଯ୍ୟଦକ୍ଷତା ଥାଇ କାହିଁକି ଭଲ ସୁଯୋଗ ଦିଆଗଲା ନାହିଁ। ସବୁବେଳେ ସବୁସ୍ଥାନରେ ସବୁକିଛି ମିଳିବା ସମ୍ଭବ ନୁହେଁ। ଏଣୁ ଯଦି ଆମକୁ ଆଗକୁ ବଢ଼ିବାକୁ ଅଛି, କିଛି କଥାରେ ଧ୍ୟାନ ନଦେଇ ନିଜର କର୍ମ ଦ୍ୱାରା ଉପରିସ୍ଥ ଅଧିକାରୀଙ୍କ ବିଶ୍ୱାସଭାଜନ ହେବା ଜରୁରୀ।

# ପାବନକ୍ଷେତ୍ର ଓଲାଶୁଣୀ ଓ ସନ୍ଥ ଅରକ୍ଷିତ ଦାସ

**ଶୁଭେନ୍ଦୁ କୁମାର ଭୂୟାଁ**

ପୁଣ୍ୟକ୍ଷେତ୍ର ଉତ୍କଳ ଭୂମିରେ ଅନେକ ଜ୍ଞାନୀ, ଗୁଣୀ, ସାଧୁସନ୍ଥ, ମହାତ୍ମା ଓ ମହାପୁରୁଷ ଜନ୍ମ ଗ୍ରହଣ କରି ନିଜର ସାଧନା, ସିଦ୍ଧି ଓ ମହିମାର ପ୍ରଚାର କରିଯାଇଛନ୍ତି । ଶାକ୍ୟ ସିଦ୍ଧାର୍ଥ ଗୌତମ ବୁଦ୍ଧଙ୍କ ପରି ଉତ୍କଳର ଜଣେ ଯୁବରାଜ ଅମାଅନ୍ଧାର ଭରା ରାତିରେ ଦିନେ ରାଜ ଐଶର୍ଯ୍ୟ ତ୍ୟାଗକରି ଅରଣ୍ୟବାସୀ ହୋଇଥିଲେ । ଗଞ୍ଜାମ ଜିଲ୍ଲା ବଡଖେମୁଣ୍ଡି ରାଜପରିବାରର ଏହି ତରୁଣ ଯୁବରାଜ ବୀରଭଦ୍ର ଦେବ ପରବର୍ତ୍ତୀ ସମୟରେ ପରିଚିତ ହେଲେ ମହାପୁରୁଷ ଅରକ୍ଷିତ ଦାସଙ୍କ ନାମରେ । ଯାଜପୁର ଜିଲ୍ଲା ବଡଚଣା ବ୍ଲକ ପଲାଇ ଗ୍ରାମରେ ଅବସ୍ଥିତ ଏହି ପୁଣ୍ୟପାବନ କ୍ଷେତ୍ର ଓଲାଶୁଣୀ ଗୁମ୍ଫାଠାରେ ସେ ସାଧନା ଓ ସିଦ୍ଧିର ଅଧିକାରୀ ହୋଇ ମହାସମାଧି ଗ୍ରହଣ କରିଥିଲେ । ଅପୂର୍ବ ପ୍ରାକୃତିକ ସୁଷମାମଣ୍ଡିତ ତଥା ଏକ ବିକଶିତ ପର୍ଯ୍ୟଟନସ୍ଥଳୀ ଭାବରେ ସୁପରିଚିତ ଏହି ପୀଠରେ ମାଘ କୃଷ୍ଣ ଏକାଦଶୀ ତିଥିରେ ମହାପୁରୁଷଙ୍କ ତିରୋଧାନ ତିଥିରେ ଆୟୋଜିତ ହୋଇଥାଏ ଓଡିଶା ପ୍ରସିଦ୍ଧ ଓଲାଶୁଣୀ ଗୁମ୍ଫାଯାତ୍ରା ।

ଉତ୍କଳର ଅନ୍ୟତମ ପ୍ରସିଦ୍ଧ ଧର୍ମପୀଠ ଓଁକାର ରୂପକ ପର୍ବତରେ ଅବସ୍ଥିତ ଓଲାଶୁଣୀ ଗୁମ୍ଫା । ଚଣ୍ଡୀଖୋଲରୁ ପାରାଦ୍ୱୀପକୁ ୫୩ ନଂ (କ) ଜାତୀୟ ରାଜପଥରେ ଗଲାବେଳେ ଡାହାଣ ପାର୍ଶ୍ୱରେ କୃଶୋଦରୀ ଗୋବରୀ ନଦୀ ଉପତ୍ୟକାରେ ଛିଡା ହୋଇଥିବା ସବୁଜିମା ଭରା ପାହାଡଟିଏ ପଥଚାରୀଙ୍କ ଆଖିରେ ପଡେ । ନାତିଦୀର୍ଘ ଏହି ପାହାଡ ଶୀର୍ଷରେ ନାରିକେଳ, ପଣସ, ଝାଉଁ ଓ କାଜୁର ପତଳା ଜଙ୍ଗଲ ଭିତରୁ ଦୂରରୁ ଦୃଶ୍ୟମାନ ହୁଏ ଏକ ଧବଳ ମନ୍ଦିରର ଚୂଡା । ଏହି ମନ୍ଦିର ହେଉଛି ଓଲଶୁଣୀ ପୀଠର ମହାନ ସନ୍ଥ ସାଧକ ଅରକ୍ଷିତ ଦାସଙ୍କ ପବିତ୍ର ସମାଧି ମନ୍ଦିର ।

ଓଲାଶୁଣୀ ପାହାଡର ପୂର୍ବ ଓ ପଶ୍ଚିମ ଭାଗ ପାଦଦେଶରୁ ଶିଖରକୁ ଅତିକ୍ରମ କରିବା ପାଇଁ ଭକ୍ତମାନଙ୍କ ଦାନରେ ନିର୍ମିତ ହୋଇଛି ସୁନ୍ଦର ପାବଚ୍ଛଶ୍ରେଣୀ । ପଶ୍ଚିମ ପାର୍ଶ୍ୱରୁ ମଧ ଯାନବାହାନର ଚଳାଚଳ ଲାଗି ପକ୍‌କା ସଡକ ନିର୍ମିତ ହୋଇଛି । ପାହାଡର ପାଦଧୋଇ ପୂର୍ବ ଓ ଦକ୍ଷିଣ ଦିଗରେ ବହିଯାଇଛି କ୍ଷୀଣ ସ୍ରୋତା ଗୋବରୀ ନଦୀ । ପୂର୍ବପଟେ ଏହି ନଦୀ କୂଳରେ ରହିଛି କ୍ଷେତ୍ରାଧିପତି ଦେବୀ ଓଲାଶୁଣୀଙ୍କ ମନ୍ଦିର । ଓଲାଶୁଣୀ ପାହଡର ଶିଖରରେ ପହଞ୍ଚିଲେ ପ୍ରାଣରେ ଖେଳିଯାଏ ପବିତ୍ର ଆଧ୍ୟାତ୍ମିକତାର ଏକ ଶୀତଳ ସମୀରଣ । ପଥଶ୍ରାନ୍ତ ଭକ୍ତ ଓ ତୀର୍ଥଯାତ୍ରୀଙ୍କୁ ପରଷି ଦିଆଯାଏ ଅବ୍ୟର୍ଥ ମହୌଷଧି ଓଲାଶୁଣୀ ମଠର ପବିତ୍ର କାଞ୍ଜିପାଣି । ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଓଲାଶୁଣୀର ସ୍ଥାନ ସ୍ୱତନ୍ତ୍ର ଓ ଅନନ୍ୟ । ଏହା ପାଖରେ ରହିଛି ବିଶ୍ୱବିଖ୍ୟାତ ବୌଦ୍ଧପୀଠ ଲଳିତଗିରି ଓ ଅନ୍ୟତମ ପୌରାଣିକକ୍ଷେତ୍ର ଗାଙ୍ଗୀପୀଠ । ପଞ୍ଚଗିରି ମଣ୍ଡଳ ପରିବେଷ୍ଟିତ ଇଲାକା ଭିତରେ ରହିଛି ଯାଜପୁର ଜିଲ୍ଲାର ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ଓ ରତ୍ନଗିରି ।

ଓଲାଶୁଣୀଠାରେ ମଧ ରହିଛି ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପରିବେଶ ପର୍ଯ୍ୟଟନ ଭବନ ଏବଂ ପର୍ଯ୍ୟଟନ ବିଭାଗ ପକ୍ଷରୁ ନିର୍ମିତ ହୋଇଛି ଦୁଇଟି ପର୍ଯ୍ୟଟକ ସୁବିଧା କେନ୍ଦ୍ର । କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ପର୍ଯ୍ୟଟନ ସୁବିଧା କେନ୍ଦ୍ର ଦୁଇଟି ଭାଙ୍ଗିରୁଜି ଗଲାଣି ଏବଂ ଉଦ୍‌ଘାଟନ ହେବାରୁ ବହୁବର୍ଷ ପରେ ବି ତାହା ପର୍ଯ୍ୟଟକଙ୍କ ବ୍ୟବହାରରେ ଲାଗିପାରି ନାହିଁ । ପରିବେଶ ପର୍ଯ୍ୟଟନ ଭବନରେ ରହିବାପାଇଁ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନେ ଅନ୍‌ଲାଇନ୍‌ରେ ଏହାର ବୁକିଂ କରି ବଣଭୋଜି କରିବାର ମଜା ନେଇଥାନ୍ତି । ବିଶ୍ୱବିଖ୍ୟାତ ତିନୋଟି ବୌଦ୍ଧପୀଠ, କୋଡ଼ିଏ କିଲୋମିଟର ଦୂରରେ ଥିବା ଚଣ୍ଡିଖୋଲର ପ୍ରସିଦ୍ଧ ଚଣ୍ଡିମନ୍ଦିର, ମହାବିନାୟକ ପୀଠ ଏବଂ ଅନତିଦୂରରେ ଥିବା ଛତିଆବଟ ମଧ ଧାର୍ମିକ ପର୍ଯ୍ୟଟନ ପୀଠ ଭାବରେ ବେଶ୍ ସୁପରିଚିତ । ବର୍ତ୍ତମାନ ପର୍ଯ୍ୟଟନ ଋତୁରେ ରାଜ୍ୟର ବିଭିନ୍ନ ସ୍ଥାନରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକମାନେ ଏହି ଆଧ୍ୟାତ୍ମିକ ପୀଠକୁ ପରିଦର୍ଶନରେ ଆସୁଥିବା ଦେଖାଦେଇଛି ।



ଓଲାଶୁଣୀ ପାହାଡ ଓ ପୀଠ ଅଷ୍ଟାଦଶ ଶତାବ୍ଦୀର ମହାନ୍ ସନ୍ଥ, ସମଦର୍ଶୀ ମାର୍ଗଦର୍ଶକ ମହାପୁରୁଷ ଅରକ୍ଷିତ



ଦାସଙ୍କ ସିଦ୍ଧି ଓ ସାଧନାର କ୍ଷେତ୍ର ଭାବରେ ବେଶ୍ ପରିଚିତ । ଏହି ପୀଠରେ ଆତ୍ମ ସମାଧି ଗ୍ରହଣ କରିଥିବା ମହାପୁରୁଷଙ୍କ ହାତଲେଖା ସ୍ୱରଚିତ ତାଳପତ୍ର ଖେଦା ଓ ପାଦର କଠଉ ଏବେ ବି ପୂଜା ପାଉଛି ତାଙ୍କ ସମାଧି ବେଦିରେ ।

### ଓଲାଶୁଣୀର ପ୍ରିୟ ଭୋଗ : ପୋଡ଼ପିଠା ଓ କାଞ୍ଜିପାଣି

ଓଲାଶୁଣୀ ଗୁମ୍ଫାଠାରେ ୧୮୩୭ ମସିହା ମାଘ କୃଷ୍ଣ ଏକାଦଶୀ ତିଥିରେ ମହାପୁରୁଷ ବ୍ରହ୍ମଲୀନ ହୋଇଥିଲେ । ଏହି ପବିତ୍ର ମହାପ୍ରୟାଣ ଦିବସରେ ଏବେ ଶତାଧିକ ବର୍ଷ ଧରି ସେହି ତିଥିରେ ଆରମ୍ଭ ହେଉଛି ନବଦିନବ୍ୟାପୀ ଓଲାଶୁଣୀ ଗୁମ୍ଫାଯାତ୍ରା । ଏହି ପୀଠର ବିଶେଷତ୍ୱ ହେଲା ମହାପୁରୁଷଙ୍କ ସମାଧି ପୀଠରେ ଭକ୍ତମାନେ ମାନସିକ କରି ପୋଡ଼ପିଠା ଅର୍ପଣ କରିଥାନ୍ତି ଏବଂ ସେମାନଙ୍କୁ ମଠ ପକ୍ଷରୁ ପରଷା ଯାଇଥାଏ ପବିତ୍ର କାଞ୍ଜି ପାଣି, ଯାହାକି ଏକ ଅବ୍ୟର୍ଥ ମହୌଷଧି ଭାବରେ ମଧ କାର୍ଯ୍ୟ କରିଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି ।

ଓଲାଶୁଣୀ ମେଳା ଅବସରରେ ସମଗ୍ର ପାହାଡ ଓ ପାଡାଡର ପାଦଦେଶ ଏହି ମହୋତ୍ସବ ପାଇଁ ହୋଇଉଠେ ଉତ୍ସବ ମୁଖରିତ । ଦଶମୀଠାରୁ ପ୍ରାୟ ଏକ ସପ୍ତାହ ଧରି ଆୟୋଜିତ ହୁଏ ହି ମେଳାର ସମ୍ଭାର । ଲକ୍ଷାଧିକ ଦର୍ଶକ, ଭକ୍ତ, ସାଧାରଣ ଜନତା ଓ ପର୍ଯ୍ୟଟକଙ୍କ ସମାଗମରେ ପାହାଡର ଶୋଭା ସୌନ୍ଦର୍ଯ୍ୟ ବହୁଗୁଣିତ ହୋଇଉଠେ ।

ମାଘକୃଷ୍ଣ ଏକାଦଶୀ ତିଥିର ବ୍ରାହ୍ମ ମୂହୁର୍ତ୍ତରେ ସହସ୍ରାଧିକ ଭକ୍ତଙ୍କୁ ଓଲାଶୁଣୀ ପୀଠର ବଡଦାଣ୍ଡରେ ଯେଉଁ ମହାର୍ଘ ମହାପ୍ରସାଦ ବଣ୍ଟନ କରାଯାଏ, ତାହା ଅବିସ୍ମରଣୀୟ ।

### ସନ୍ଥ ଅରକ୍ଷିତଙ୍କ ସାରସ୍ୱତ କୃତି :

ଓଡିଆ ଭକ୍ତିସାହିତ୍ୟ କ୍ଷେତ୍ରକୁ ସନ୍ଥ ଅରକ୍ଷିତଙ୍କ ଦାନ ଅନନ୍ୟ । ତାଙ୍କ ମହନୀୟ ରଚନାରେ ଓଡିଆ ଭକ୍ତିସାହିତ୍ୟ ହୋଇଛି ଅଧିକ ମାର୍ମିକ ଓ ରସୋତୀର୍ଣ୍ଣ । ବଣ ଜଂଗଲରେ ପରିଭ୍ରମଣ କରିବା ସମୟରେ ବଣକଣ୍ଟା ଦ୍ୱାରା ସେ ତାଳପତ୍ରରେ ଲେଖିଯାଇଛନ୍ତି ଅନେକ ସାରସ୍ୱତ ସୃଷ୍ଟିସମ୍ଭାର । ସେଗୁଡିକ ଭିତରେ ରହିଛି ଆତ୍ମଜୀବନୀମୂଳକ ସାରତତ୍ତ୍ୱ ଗ୍ରନ୍ଥ 'ମହୀମଣ୍ଡଳ ଗୀତା' । ଏହାବ୍ୟତୀତ ସନ୍ଥ ସାଧକଙ୍କ ରଚନାବଳୀ ଭିତରେ ରହିଛି ବାଲ୍ୟବୋଧ ସଂହିତା, ବ୍ରହ୍ମାଣ୍ଡ ଗୀତା, ଅବଧୂତ ସଂହିତା, ଭକ୍ତିଟୀକା, ଗୁପ୍ତଟୀକା, ଶବ୍ଦ ସଂହିତା, ଦ୍ୱିତିବୋଧିନୀ, ବ୍ରହ୍ମକବଚ, ଗୁପ୍ତ ପଦ୍ମକଳ୍ପ, ତତ୍ତ୍ୱସାର ଗୀତା, ମୋକ୍ଷ ସମାଧି ଯୋଗ, ଗୁଜ୍ଜରୀ ରାହାସ, ଇନ୍ଦ୍ରଗୋବିନ୍ଦ ଗୀତ, ଶିବକଳ୍ପ ଓ କବଚ ଓ ଦ୍ୱାଦଶ ଚନ୍ଦ୍ରିକା ଭଳି ଅନେକ ମହନୀୟ ଜ୍ଞାନଗ୍ରନ୍ଥ । ଏହା ସହିତ ମହାପୁରୁଷ ରଚନା କରିଛନ୍ତି ଅସଂଖ୍ୟ ଭଜନ ଓ ଜଣାଣ । ଯେଉଁଥିରେ କି ମାନବାବାଦୀ ଚିନ୍ତା ଓ ଚେତନାର ଦର୍ଶନ ରୂପାୟିତ ହୋଇଛି । ସନ୍ଥ ଅରକ୍ଷିତ ଦାସଙ୍କ ଦ୍ୱାରା ବିରଚିତ ଅନେକ ଦୁର୍ମୂଲ୍ୟ ତଥା ପ୍ରାଚୀନ ତାଳପତ୍ର ପୋଥି ଏବେ ବି ଓଲାଶୁଣୀ ଗୁମ୍ଫା, ଖଣ୍ଡଗିରି ପାଦୁକାଶ୍ରମ ଓ ଓଡିଶାର ଅନ୍ୟାନ୍ୟ ସ୍ଥାନରେ ଅପ୍ରକାଶିତ ଭାବରେ ରହିଛି । ସମୟ ସୁଅରେ ସଂରକ୍ଷଣ ଅଭାବରୁ ଅନେକ ପ୍ରାଚୀନ ପୋଥି ନଷ୍ଟ ହୋଇଯାଇଥିଲାବେଳେ ଅନ୍ୟ କେତେକ ପୋଥି ବ୍ୟକ୍ତି ବିଶେଷଙ୍କ ପାଖରେ ମଧ ରହିଯାଇଛି । ଓଡିଶାର ଧର୍ମ, ସଂସ୍କୃତି, ଆଧ୍ୟାତ୍ମିକ ଓ ସାହିତ୍ୟିକ ଚିନ୍ତନ କ୍ଷେତ୍ରରେ ଏହି ରଚନାବଳୀଗୁଡିକ ସର୍ବାଧିକ ମହତ୍ତ୍ୱ ରଖେ ।

ମହାପୁରୁଷ ଅରକ୍ଷିତ ଦାସ ଭୁବନେଶ୍ୱର ଉପକଣ୍ଠ ଖଣ୍ଡଗିରିଠାରେ ଅବସ୍ଥାନ କାଳରେ ସେଠାରେ 'ମହୀମଣ୍ଡଳ ଗୀତା'ର ୩୦ଟି ଅଧ୍ୟାୟ ରଚନା ସଂପୂର୍ଣ୍ଣ କରିଥିଲେ । ଖଣ୍ଡଗିରିର ପ୍ରସିଦ୍ଧ ଜୈନଗୁମ୍ଫା ପାଦଦେଶରେ ଏବେ ମହାପୁରୁଷଙ୍କ ପାଦୁକାଶ୍ରମ ସ୍ଥାପିତ ହୋଇଛି । ପୂର୍ବରୁ ବର୍ଷୀୟାନ ମହନ୍ତ ଉଦ୍ଧବ ଦାସ ଓ ତାଙ୍କର ସହଯୋଗୀ ସନ୍ନ୍ୟାସୀ ଖଣ୍ଡଗିରି ପାଦୁକାଶ୍ରମଠାରେ ଅବସ୍ଥାନ କରୁଥିଲେ । ସେଠାରେ ଏବେବି ସନ୍ଥ ସାଧକଙ୍କ ପବିତ୍ର କଠଉ ଓ ସ୍ୱଲିଖିତ ଅନେକ ତାଳପତ୍ର ପୋଥି ସେଠାରେ ସ୍ୱତନ୍ତ୍ର ଭାବରେ ପୂଜାର୍ଚ୍ଚନା କରାଯାଇଥିବା ଲକ୍ଷ୍ୟ କରାଯାଇଛି ।

### ପଞ୍ଚଗିରି ମଣ୍ଡଳ :

ଓଲାଶୁଣୀ ପୀଠ ନିଜ ପ୍ରାକୃତିକ ସୁଷମା ଓ ସୌନ୍ଦର୍ଯ୍ୟ ତଥା ଆଧ୍ୟାତ୍ମିକ ପରିବେଶ ପାଇଁ ଏହା ବର୍ଷର ଅନ୍ୟାନ୍ୟ ସମୟରେ ମଧ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ । ଏହା ନିକଟରେ ରହିଛି ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଲଳିତଗିରି, ଉଦୟଗିରି ଓ ରତ୍ନଗିରି । ଓଲାଶୁଣୀ ପାହାଡର ଦକ୍ଷିଣ  ପୂର୍ବ ଦିଗରେ ପ୍ରବହମାନ ହେଉଛି କୃଶୋଦରୀ (ପବିତ୍ର ଗୋମତୀ) ଗୋବରୀ ନଦୀ, ପୂର୍ବ ଦିଗରେ ଗାଙ୍ଗୀ ପାହାଡରେ ମହାଭାରତର ବୀର ଅଶ୍ୱତ୍ଥମାଙ୍କ ବିଳ ଚିହ୍ନ (ଗିରିଗର୍ତ୍ତ), ଦକ୍ଷିଣ ଦିଗରେ ପବିତ୍ର ପଞ୍ଚୁପାଣ୍ଡବ ପୀଠ ଓ ମହାତ୍ମା ବିଦୁରଙ୍କ ସ୍ମୃତିପୀଠ, ଉତ୍ତର ଦିଗରେ ବନ୍ଦରେଶ୍ୱର-ଶୁଖୁଆପଡାଠାରେ ଅଗ୍ନି ଅବଧୂତ ସଂପ୍ରଦାୟର ମହାନ ସନ୍ଥ ଲଙ୍ଗୁଳି ବାବାଙ୍କ ଆଶ୍ରମ, ପଶ୍ଚିମରେ ଲଳିତଗିରିର ମନୋରମ ବୌଦ୍ଧକୀର୍ତ୍ତି ତାଙ୍କୁ ସତ୍ୟ, ଶିବ ଓ ସୁନ୍ଦରର ଅନିର୍ବଚନୀୟ ସାଧନା ପୀଠ ଭାବରେ ପ୍ରତିଭାତ ହେତାଇଥିଲା । ଓଲାଶୁଣୀ ପାହାଡର ଚତୁର୍ଦ୍ଦିଗରେ ରହିଛି ଲଳିତଗିରିର ଲଣ୍ଡା ପାହାଡ, ସୁଖଭା ବା ଶୁଖୁଆପଡା ପାହାଡ, ଗାଙ୍ଗୀ ପୀଠର ଗାଙ୍ଗୀ ପାହାଡ, ବନ୍ଦରେଶ୍ୱରର ରେଗିଡି ପାହାଡ । ଏହି ପଞ୍ଚପର୍ବତ ପଞ୍ଚଗିରି ମଣ୍ଡଳ ଭାବରେ ମଧ ପୁରାଣ ସାହିତ୍ୟରେ ବର୍ଣ୍ଣିତ । ଓଲାଶୁଣୀର ଅପୂର୍ବ ପ୍ରାକୃତିକ ଶୋଭା ଓ ବୃକ୍ଷରାଜିର ବିପୁଳ ସମ୍ଭାର ହେତୁ ଏହାକୁ ରାଜ୍ୟ ସରକାର ଏକ ପର୍ଯ୍ୟଟନସ୍ଥଳୀ ଭାବରେ ମାନ୍ୟତା ଦେଇଛନ୍ତି । ପର୍ଯ୍ୟଟନ ଋତୁରେ ଓଡିଶାର ବିଭିନ୍ନ ସ୍ଥାନରୁ ସହର୍ସାଧିକ ପର୍ଯ୍ୟଟକ ଓଲାଶୁଣୀ ପୀଠକୁ ପରିଦର୍ଶନରେ ଆସୁଛନ୍ତି ।



### କେମିତି ଯିବେ ଓଲାଶୁଣୀ ପୀଠ:

କଟକ ଠାରୁ ଓଲାଶୁଣୀ ପୀଠର ଦୁରତା ୬୦ କି.ମି. ହୋଇଥିଲାବେଳେ ୫୩ ନଂ (କ) ଜାତୀୟ ରାଜପଥର ଚଣ୍ଡୀଖୋଲଠାରୁ ମାତ୍ର ୨୦ କି.ମି. ଦୂରରେ ଏହା ଅବସ୍ଥିତ । ଏହି ଜାତୀୟ ରାଜପଥର ପଲାଇ ଛକଠାରୁ ଓଲାଶୁଣୀ ପୀଠର ଦୁରତା ମାତ୍ର ୧ କି.ମି. । ଓଲାଶୁଣୀ ପାହାଡକୁ ଉଠିବାପାଇଁ ଜାତୀୟ ରାଜପଥର ଗୋବରୀ ନଦୀ ପଟ ପୂର୍ବଦିଗରୁ ଓ ପଶ୍ଚିମ ଦିଗରେ ପକ୍କା ସଡକ ନିର୍ମିତ ହୋଇଛି । ପର୍ଯ୍ୟଟନ ଋତୁରେ ସହସ୍ରାଧିକ ଦର୍ଶକ, ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ମାନଙ୍କପାଇଁ ଏହା ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥାଏ । ଜଂଗଲ ବିଭାଗ ପକ୍ଷରୁ ଏଠାରେ ଏକ ପରିବେଶ ପର୍ଯ୍ୟଟନ ଭବନ ଓ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଦୁଇଟି ପର୍ଯ୍ୟଟକ ସୁବିଧା କେନ୍ଦ୍ର ମଧ ନିର୍ମିତ ହୋଇଛି ।

ଓଲାଶୁଣୀ କ୍ଷେତ୍ରକୁ ରାଜ୍ୟର ଏକ ପ୍ରମୁଖ ଆଧ୍ୟାତ୍ମିକଧର୍ମପୀଠ ତଥା ପରିବେଶ ପର୍ଯ୍ୟଟନସ୍ଥଳୀଭାବରେ ପରିଚିତ କରାଇବାପାଇଁ ଯାଜପୁର ଜିଲ୍ଲା ପ୍ରଶାସନର ଉଦ୍ୟମ ପ୍ରଶଂସନୀୟ ହୋଇଥିଲାବେଳେ ସ୍ଥାନୀୟ ଅଂଚଳର ବହୁସାମାଜିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନ କାର୍ଯ୍ୟକରିଆସୁଛନ୍ତି । ଓଲାଶୁଣୀ ଗୁମ୍ଫା ଉନ୍ନୟନ ନ୍ୟାସ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ଏହି ପୀଠର ସାମାଜିକ ଓ ସାଂସ୍କୃତିକ ବିକାଶ ପାଇଁ ପ୍ରତିବର୍ଷ ଓଲାଶୁଣୀ ଗୁମ୍ଫା ମହୋତ୍ସବ ପାଳନ କରାଯାଉଛି । ଏହି ସମାରୋହରେ ସନ୍ଥ ଅରକ୍ଷିତଙ୍କ ଜୀବନ, ଦର୍ଶନ, ତତ୍ତ୍ୱ ଓ ଚିନ୍ତନକୁ ନେଇ ଆଧ୍ୟାତ୍ମିକ ସମାବେଶ, ବିଶିଷ୍ଟ ସାଧୁସନ୍ଥ ଓ ଆଧ୍ୟାତ୍ମିକ ସାଧକମାନଙ୍କୁ ସନ୍ଥ ଅରକ୍ଷିତ ଦାସ ସମ୍ମାନ ଓ ଓଲାଶୁଣୀ ସମ୍ମାନରେ ସମ୍ମାନିତ କରାଯାଉଛି ।

ସମୟ ସୁଅରେ ଏବେ ଅନେକ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ ମହାନ ସନ୍ଥ ସାଧକ ତଥା ଅବଧୂତ ପନ୍ଥୀ ଅରକ୍ଷିତଙ୍କ ଏହି ସିଦ୍ଧି ଓ ସାଧନାର କ୍ଷେତ୍ର ମାନବବାଦର ମହନୀୟ ମୁଲ୍ୟବୋଧକୁ ପରିପ୍ରସାର କରୁଛି । ଏହି ଅଂଚଳର ସାମାଜିକ ଓ ଆଧ୍ୟାତ୍ମିକ ଉତ୍ତରଣ ପାଇଁ ଓଲାଶୁଣୀ ପୀଠର ଅବଦାନ ଅବିସ୍ମରଣୀୟ । ଯାଜପୁର ଜିଲ୍ଲାର ଏକ ଗ୍ରାମୀଣ ଜନପଦରେ ଆୟୋଜିତ ଏହି ମେଳା କ୍ରମେ ଏକ ପ୍ରମୁଖ ଲୋକମହୋତ୍ସବରେ ପରିଣତ ହୋଇପାରିଛି ।

**ମ୍ୟାନେଜିଂ ଟ୍ରଷ୍ଟି**
**ଓଲାଶୁଣୀ ଗୁମ୍ଫା ଉନ୍ନୟନ ନ୍ୟାସ, ପଲାଇ**
**ଦୂରଭାଷ : ୯୪୩୭୨୨୬୭୯୭**

ସ୍ୱାସ୍ଥ୍ୟ ସ୍ୱତନ୍ତ୍ର





# ସେନ୍ସୋରିନ୍ୟୁରାଲ ହିୟରିଂ ଲସ୍


**ଆପଣ ଉଚ୍ଚ ସ୍ୱରରେ ଗୀତ ଶୁଣୁଛନ୍ତି କି ? ସହଜେ ତ ବିବାହ ବା ବିଭିନ୍ନ ସାମାଜିକ ଏପରିକି ରାଜନୈତିକ କାର୍ଯ୍ୟକ୍ରମରେ କାନଫଟା ବାଜା ଗୀତର ରୋଷଣୀ ଦିନକୁ ଦିନ ଅତ୍ୟନ୍ତ ଉତ୍କଟ ହେଉଛି। ତେବେ ଏସବୁ ଭିତରେ ଆପଣ ନିଜେ ଟିକେ ସତର୍କ ହୋଇଯାଆନ୍ତୁ। ସୁମଧୁର ଓ ଶ୍ରୁତିପୂର୍ଣ୍ଣ ସଂଗୀତ ସମସ୍ତଙ୍କୁ ଶାନ୍ତି ଦେଇଥାଏ। ତେବେ ନିକଟରେ ଏକ ଚମକପ୍ରଦ ଘଟଣା ଅଗଣିତ ଭାରତୀୟ ମାନଙ୍କୁ ନୁହେଁ ସଂଗୀତପ୍ରେମୀଙ୍କୁ ଗଭୀର ଦୁଃଖ ଭିତରକୁ ଠେଲି ଦେଇଛି। ଆମ ସମୟର ତଥା ବଲିଉଡର ଲୋକପ୍ରିୟ ପ୍ରତିଥଯଶା ସୁମଧୁର ଗାୟିକା ଏହି ଉଚ୍ଚ ଶ୍ରବଣ ବିଶୃଙ୍ଖଳାର ଶିକାର ହୋଇ ନିଜେ ପ୍ରମୁଖ ଖବର ପାଲଟିଛନ୍ତି। ପରବର୍ତ୍ତୀ ସମୟରେ ବାକଶ୍ରବଣ ବିଶେଷଜ୍ଞଙ୍କ ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ଏହା ଏକ ବିରଳ ଭୂତାଣୁଜନିତ ସ୍ନାୟୁବିକ ଶ୍ରବଣ ହୀନତା ବୋଲି ଜଣାପଡ଼ିଲା। ଯାହାକୁ ଆମ ଇଏନଟି ଚିକିତ୍ସା ପାଠରେ ସେନ୍ସୋରିନ୍ୟୁରାଲ ହିୟରିଂ ଲସ ବୋଲି କୁହାଯାଏ।**

ନାରାୟଣ ଚନ୍ଦ୍ର ବିଶ୍ୱାଳ

ଏହି ସମସ୍ୟାରେ ରୋଗୀଙ୍କର କାନର ଭିତର ଅଂଶ ବା ଅଡଟୋରି ନର୍ଭକୁ କ୍ଷତି ପହଞ୍ଚାଇଥାଏ। ଆମ ମାନଙ୍କର ସ୍ୱାଭାବିକ କାନ ଶୁଣିବା ପାଇଁ ୭୦ ଡେସିବିଲ ତୀବ୍ରତାର ଶବ୍ଦ ନିରାପଦ ରହିଛି। ତେବେ ଉପରୋକ୍ତ ସେନ୍ସୋରିନ୍ୟୁରାଲ ହିୟରିଂ ଲସ କାରଣ ପାଇଁ ପାଖାପାଖି ୯୦ ପ୍ରତିଶତ ଶ୍ରବଣ ଶକ୍ତି କମିଯାଇଥାଏ। ଏହି ରୋଗର କାରଣ ବିଶେଷ ଭାବେ ଅତ୍ୟଧିକ ଶବ୍ଦ ଶୁଣିବାରୁ ହୋଇଥାଏ। ତେବେ କେତେକଙ୍କ କ୍ଷେତ୍ରରେ ଏହା ଜେନେଟିକ ହୋଇଥିବାବେଳେ କିଛି କ୍ଷେତ୍ରରେ ବୟସ କାରଣରୁ ହୋଇଥାଏ। ଆମ କାନର ଭିତର ଅଂଶରେ ଏକ ଅଙ୍ଗ ରହିଛି ଯାହାକୁ କପ୍ଲିଆ, ଯେଉଁଥିରେ ଛୋଟ ଛୋଟ କେଶ ଭଳି କୋଷିକାମାନ ରହିଥାନ୍ତି। ଏଗୁଡ଼ିକ ସାଉଣ୍ଡ ୱେଭରୁ ମିଳୁଥିବା ଭାଇବ୍ରେସନରୁ ନ୍ୟୁରାଲ ସିଗନାଲରେ ପରିଣତ କରିଥାଏ, ଯାହା ଅଡିଟୋରି ନର୍ଭ ମାଧ୍ୟମରେ ବ୍ରେନକୁ ପହଞ୍ଚିଥାଏ। ତେବେ ୮୫ ଡେସିବେଲରୁ ଅଧିକ ଶବ୍ଦ ଶୁଣିବା ଦ୍ୱାରା ଆମ କାନରେ ଥିବା ଏହି କେଶକୁ କ୍ଷତି ପହଞ୍ଚିଥାଏ, ଯେଉଁ କାରଣରୁ ଆମର ଶୁଣିବା ଶକ୍ତି କମିଥାଏ। ଏହାର ବିଭିନ୍ନ ପ୍ରକାର ମଧ୍ୟ ରହିଛି। ତେବେ ଏହାର କିଛି ଲକ୍ଷଣ ରହିଛି ଯାହାକୁ ଚିହ୍ନଟ କରି ଚିକିତ୍ସା କରାଇପାରିଲେ ଆମେ ଏହି ସମସ୍ୟାରୁ ମୁକ୍ତି ପାଇପାରିବା। ତେଣୁ ଯଦି କୌଣସି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।





ଯେତେବେଳେ ବ୍ୟାକ୍‌ଗ୍ରାଉଣ୍ଡ ମ୍ୟୁଜିକ ଅଧିକ ରହିଛି ସେତେବେଳେ ଶୁଣିବାରେ ଅସୁବିଧା ହେବା। ବିଶେଷଭାବେ ସ୍ତ୍ରୀ କିମ୍ବା ପୁରୁଷ ପିଲାମାନଙ୍କର କଥା ଶୁଣି ବୁଝିବାରେ ଅସୁବିଧା ହେବା, ସନ୍ତୁଳନରେ ଅସୁବିଧା। ଅତ୍ୟଧିକ ପିଚ୍‌ର ଶବ୍ଦ ଶୁଣିବାରେ ଅସୁବିଧା ହେବା, ବେଳେ ବେଳେ ଶୁଣିପାରୁ ହେଲେ କଣ କୁହାଯାଉଛି ବୁଝି ପାରି ନଥାଉ। ସେହିପରି ଏକାଦିକ୍ରମେ ସଂଗୀତ ଶୁଣିବା ଅବଧିକୁ କମାଇବା ସହ ଶ୍ରବଣ ବିଶୃଙ୍ଖଳାର ସାମାନ୍ୟତମ କୌଣସି ସମସ୍ୟା ବା ଲକ୍ଷଣ ଦେଖାଦେଲେ ଆପଣ ତୁରନ୍ତ ବାକ୍ ଶ୍ରବଣ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଘଣ୍ଟା ଘଣ୍ଟା ଧରି ହିୟରିଂ କଡ୍‌ର ଅଯଥା ବ୍ୟବହାରରୁ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ସେହିପରି କେହି କେହି ବିଚାର କରନ୍ତି ଯେ କମ ଶୁଣିବା ମଧ୍ୟ ଭଲ ଅଭ୍ୟାସ କିନ୍ତୁ ଏହା ମଧ୍ୟ ଠିକ ନୁହେଁ। ଆପଣଙ୍କ କାନ ଶୁଣିବାର ଏକ ନିର୍ଦ୍ଦିଷ୍ଟ କ୍ଷମତା ଅଛି। ଏହାକୁ ବାକ୍ ଶ୍ରବଣ ବିଶେଷଜ୍ଞଙ୍କ ପରାମର୍ଶରେ ମାପକରି ସେହି ଅନୁଯାୟୀ ଶୁଣିବାର କ୍ଷମତା ରଖନ୍ତୁ। କେତେକଙ୍କ କ୍ଷେତ୍ରରେ କର୍ଣ୍ଣପଟ୍ଟଳ କୌଣସି ଦୁର୍ଘଟଣାବଶତଃ ଆଘାତ ପ୍ରାପ୍ତ ହୋଇଥିଲେ, କୌଣସି ଔଷଧର ପରିପାର୍ଶ୍ୱିକ ପ୍ରତିକ୍ରିୟା ଏପରିକି ନିଶାଦ୍ରବ୍ୟର କାରଣ ପାଇଁ ମଧ୍ୟ ଏହି ସମସ୍ୟା ଅନ୍ୟତମ କାରକ ଭାବେ ଗ୍ରହଣ କରାଯାଏ। ପିଲାମାନଙ୍କୁ ଛୋଟବେଳୁ ଏ ଅଭ୍ୟାସରୁ କମ କିପରି କରାଯାଇପାରିବ ସେ ଶିକ୍ଷା ଦିଅନ୍ତୁ। ଏହାସହ ନିୟମିତ ଭାବେ ବାକ୍ ଶ୍ରବଣ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ଏବଂ କୌଣସି ଶ୍ରବଣ ସମ୍ବନ୍ଧୀୟ ସମସ୍ୟା ଦେଖାଦେଲେ ମନଇଛା ପେନ୍‌କ୍ଲିଅର ବା ଇୟର ଡ୍ରପ ବ୍ୟବହାର କରନ୍ତୁ ନାହିଁ। ଆପଣଙ୍କ ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟ, ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ। ଗାଡ଼ି ଚାଳନା ବେଳେ ବା ରାତିରେ ଶୋଇବା ବେଳେ ଏପରିକି ପ୍ରାତଃ ଭ୍ରମଣ ହେଉ ବା ଯୋଗ ପ୍ରାଣାୟମ ସେ ସମୟରେ କାନରେ ହିୟରିଂ କଡ୍ ବ୍ୟବହାର କରିବା ଅଭ୍ୟାସ ପରିତ୍ୟାଗ କରନ୍ତୁ। କେତେକ ଅଛନ୍ତି କାନରେ ମଇଳା ଜମିଛି ଭାବି ମନଇଚ୍ଛା ଅନାବଶ୍ୟକ ଏଣ୍ଡୁତେଣ୍ଡୁ କାଠି ପୂରାଇ କର୍ଣ୍ଣ ଗହ୍ୱରକୁ ପରିଷ୍କାର କରିବାକୁ ଅପଚେଷ୍ଟା କରିଥାନ୍ତି। ଏହା କେବଳ ମାରାତ୍ମକ ନୁହେଁ ବରଂ ଘାତକ ମଧ୍ୟ। ଦେଶୀୟ ବା ତୁଟୁକା ତୁଟୁକି ପ୍ରାଚୀନ ବ୍ୟବସ୍ଥାର କୌଣସି ତେଲ କାନ ସଫା ପାଇଁ ଆଦୌ ପକାନ୍ତୁ ନାହିଁ। ନିଜ ଶରୀରକୁ କେବଳ ନୁହେଁ କାନ ଯେ ଆପଣଙ୍କର ଶରୀରର ଗୁରୁତ୍ୱପୂର୍ଣ୍ଣ ଅଂଶ ଏହାକୁ ଆଦୌ ଭୁଲନ୍ତୁ ନାହିଁ। କାନ ସମ୍ବନ୍ଧୀୟ ପରାମର୍ଶ ନେଇ ଆଲୋଚନା କଲାବେଳେ ଡିଜେ ସଂଗୀତ ଏକ ମାରାତ୍ମକ ପ୍ରସଙ୍ଗ। ଅନେକ ଏହାକୁ ଅଣଦେଖା କରିଥାନ୍ତି। ଯଥା ସମ୍ଭବ ଡିଜେ ବ୍ୟବହାର ହେଉଥିବା ସ୍ଥାନ ଠାରୁ ନିଜକୁ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ପରିଷ୍କାର ବିଶୋଧିତ ତୁଳା ଦ୍ୱାରା କାନ ସଫା କରନ୍ତୁ। ପାଣିରେ ବୁଡ଼ି ସ୍ନାନ କରିବା ଅଭ୍ୟାସ ଥିଲେ ଏଥିରୁ ନିବୃତ୍ତ ରହିବା ଖୁବ ଭଲ। ଅନେକ ହୁଏତ ଜାଣି ନଥାନ୍ତି କାନ ସହିତ ସ୍ନାୟୁଗତ ଭାବେ ମସ୍ତିଷ୍କର ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଓ ସମ୍ପର୍କ ରହିଛି। ତେଣୁ ଅନେକ କ୍ଷେତ୍ରରେ ଏହା ସ୍ନାୟୁ ମସ୍ତିଷ୍କଜନିତ ସମସ୍ୟାକୁ ବିଗାଡ଼ି ଦେଇଥାଏ। ଶ୍ରୁତିମଧୁର ସଂଗୀତ ଜୀବନର ଆନନ୍ଦ ମହୌଷଧି। ଏହା ଯଦି ଦୁଃଖଦ ହୋଇ ଆପଣଙ୍କ ଶ୍ରବଣ ଶକ୍ତିକୁ ସବୁଦିନ ପାଇଁ ବନ୍ଦ କରିଦିଏ ତାହାହେଲେ ଟିକେ ଚିନ୍ତା କରନ୍ତୁ ଆପଣଙ୍କ ଜୀବନଟି କିପରି ଏକ ଅସଜଡ଼ା ହେବନାହିଁ ବରଂ ଆପଣଙ୍କ ଆଖପାଖ ପରିବେଶ, ସମୟ ଆଉ ସମସ୍ତଙ୍କୁ ଶୁଣିବାର ଅନୁଭବକୁ ହରାଇ ବସିବେ।

'ଧ୍ୱନୀ' ମେଟ୍ରୋପ୍ଲାଜା, କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,ଦୂରଭାଷ : ୯୪୩୮୨୭୬୭୬୦
E-mail : narayanbiswal001@gmail.com

ମହକ

# ଅନନ୍ୟା ନୃତ୍ୟଶିଳ୍ପୀ : ଶୁଭାକାଂକ୍ଷୀ ଭୋଇ



**ପ୍ରତିଭା ଇଶ୍ୱରଙ୍କ ଦାନ ଯାହାକି ମଣିଷ ଜୀବନରେ ସମୟ-କ୍ରମେ ବିକଶିତ ହୁଏ। ଅବିରତ ସାଧନାରତ ସାଧକ ଜୀବନରେ ସଫଳ ହୁଏ ଆଉ ସେ ଉଦାହରଣୀୟ ପାଲଟି ଯାଏ, ଯେତେବେଳେ ସେ ଉଲ୍ଲେଖନୀୟ କାର୍ଯ୍ୟ କରେ। ଆମ ବିକଶିତ ମାନବର ଯୁଗରେ ଶିଶୁ ସମାଜ, ଯୁବ ସମାଜର ବିକାଶ ଦିଗରେ ସମସ୍ତଙ୍କୁ ଧ୍ୟାନ ଦେବାକୁ ହେବ।**





ସେହିଭଳି ଜଣେ ଅନନ୍ୟା ପ୍ରତିଭାଧାରୀ ମେଧା ଛାତ୍ରୀ ହେଉଛନ୍ତି ଶୁଭାକାଂକ୍ଷୀ ଭୋଇ। ପିତା ସମାଜସେବୀ ବିଜୟ କୁମାର ଭୋଇ, ମାତା ଧର୍ମପ୍ରାଣା ସାବିତ୍ରୀ ଭୋଇଙ୍କ କୋଳମଣ୍ଡନ କରି ୨୦୦୧ ମସିହାରେ କଟକ ଜିଲ୍ଲା କଟକ ସଦର ବ୍ଲକ କନ୍ଦରପୁର ପଞ୍ଚାୟତ ଉପକଣ୍ଠ କମାପୁର ଗ୍ରାମରେ ଜନ୍ମ ଗ୍ରହଣ କରିଛନ୍ତି। ସେ କମାପୁର ପ୍ରାଥମିକ ବିଦ୍ୟାଳୟ ସିଦ୍ଧେଶ୍ୱରପୁରରୁ ବାଲ୍ୟଶିକ୍ଷା ଆରମ୍ଭ କରି ଗୋପାଳ ସ୍ମୃତି ବିଦ୍ୟାପୀଠ ସିଦ୍ଧେଶ୍ୱରପୁରରୁ ମାଟ୍ରିକ ପାସ୍ ପରେ କନ୍ଦରପୁର ମହାବିଦ୍ୟାଳୟରୁ ଯୁକ୍ତଦୁଇ କଳା ଏବଂ ଇଗ୍ନୋରୁ ପୋଷ୍ଟ ଗ୍ରାଜୁଏସନ୍ ପାଠ୍ୟକ୍ରମ ସମାପ୍ତ କରିଛନ୍ତି। ଅଧୁନା ଅଗ୍ରଣୀ ସାଂସ୍କୃତିକ ସଙ୍ଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁର ନୃତ୍ୟ ଗୁରୁମା ଭାବେ ଓଡିଶୀ ଶିକ୍ଷାଦାନ କରୁଛନ୍ତି। ମଧ୍ୟବିତ୍ତ ପରିବାରରୁ ଆସି ସେ ନିଜର ସାଧନା ବଳରେ କଳା କ୍ଷେତ୍ରରେ ଖୁବ୍ ଅଗ୍ରସର କରିଛନ୍ତି ଓ ଅନେକ ପୁରସ୍କାର ତଥା ସମ୍ବର୍ଦ୍ଧନା ଲାଭ କରିଛନ୍ତି। ତୁଳସୀ ଦୁଇ ପତ୍ରରୁ ବାସିଲା ପରି ପିଲା ଦିନରୁ ସେ କଳା ପ୍ରତି ଆଗ୍ରହ ପ୍ରକାଶ କରି ଓଡ଼ିଶୀ ନୃତ୍ୟ ଦିଗରେ ଖୁବ୍ ସାଧନା ଜାରି ରଖି ଆଜି ସମାଜରେ ଜଣେ ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟାଶିଳ୍ପୀ ଭାବେ ଖୁବ୍ ନାମ କରିବା ସହ ଅନେକ ସମ୍ମାନ ଓ ସମ୍ବର୍ଦ୍ଧନା ଲାଭ କରିଛନ୍ତି ଯାହାକି ବିଦ୍ୟାର୍ଥୀ ସମାଜ ପାଇଁ ଉଜ୍ଜ୍ୱଳ ଓ ଭାସ୍ୱର। ସେ ସ୍ୱାମିଜୀ ଯୁବକ ସଙ୍ଘ ବରାଳ ୪୨ ମୌଜା,ଏକାମ୍ର ପ୍ରତିଭା ସମ୍ମାନ ଭୁବନେଶ୍ୱର, କିଶନନଗର ଶିଶୁ ମଙ୍ଗଳ କ୍ଲବ କିଶନନଗର, ଆଦର୍ଶ ଯୁବ ସଂଘ ଭାରତ ଆଦି ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ। ତାଙ୍କର ଓଡ଼ିଶୀ ନୃତ୍ୟଗୁରୁ ଶ୍ରୀଯୁକ୍ତ ଅକ୍ଷୟ କୁମାର ଓଝା ଓ ସରସ୍ୱତୀ କଳା ପରିଷଦର ବରେଣ୍ୟ ସଂପାଦକ ନାଟ୍ୟକାର ଗୁରୁ ଅଶୋକ କୁମାର ପଟ୍ଟନାୟକ ଶିକ୍ଷାଦାନ ଶୈଳୀ ତାଙ୍କୁ ଖୁବ୍ ପ୍ରେରଣା ତଥା ଉତ୍ସାହ ପ୍ରଦାନ କରିଛି... ଫଳତଃ ସେ ଜଣେ ମେଧା ପ୍ରତିଭା ଭାବେ ଆଜି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ଗୁରୁଜନମାନଙ୍କ ପ୍ରେରଣା ଓ ଆଦର୍ଶକୁ ପାଥେୟ କରି ସମାଜସେବା, ସାହିତ୍ୟ ସେବା, ପୂଜ୍ୟପୂଜା, ପ୍ରତିଭା ସମ୍ମାନ ଆଦି ଅନେକ ମହତ୍ ମାନବୀୟ କାର୍ଯ୍ୟ ଗୁଡ଼ିକୁ ଆଗ୍ରହ ସହ ପାଳନ କରୁଛନ୍ତି। ପରିଷଦ ପକ୍ଷରୁ ଅନୁଷ୍ଠିତ ସମସ୍ତ ମହତ୍ ସେବାକାର୍ଯ୍ୟରେ କାର୍ଯ୍ୟକର୍ତ୍ତାମାନଙ୍କୁ ସେ ସହଯୋଗ ପ୍ରଦାନ କରନ୍ତି,ତାଙ୍କର ଆଗ୍ରହ ଓ ଶ୍ରଦ୍ଧା ଭାବ ସମସ୍ତ ଗୁରୁଜନ ମାନଙ୍କୁ ଖୁବ୍ ଭଲ ଲାଗେ ସେ ସମସ୍ତଙ୍କର ପ୍ରିୟ ପାତ୍ର। କର୍ତ୍ତବ୍ୟନିଷ୍ଠା,ନମ୍ରତା, ଅନୁଷ୍ଠାନ କାର୍ଯ୍ୟରେ ଆଗ୍ରହ, ସମ୍ମାନ ଆଦି ସୁଗୁଣ ଗୁଡ଼ିକ ତାଙ୍କର ମୁଖ୍ୟ ସ୍ୱଭାବ। ସେ ପିଲାଦିନୁ ନୃତ୍ୟ, ସଂଗୀତ, ଚିତ୍ରାଙ୍କନ ଆଦିରେ ଖୁବ୍ ସଫଳତା ଲାଭ କରିଛନ୍ତି। ଜଣେ ଶାନ୍ତଶିଷ୍ଟ ଅତ୍ୟନ୍ତ ନମ୍ର ତଥା ଭଦ୍ର ଛାତ୍ରୀ ଭାବେ ସବୁଠି ରହିଛି ତାଙ୍କର ପ୍ରଶଂସା ଓ ଆଦର। ଏହି ମେଧା ପ୍ରତିଭା, ଅନନ୍ୟା ନୃତ୍ୟ ନିପୁଣା ଶୁଭାକାଂକ୍ଷୀଙ୍କ ଉତ୍ତରୋତ୍ତର କାମନା ସହ ତାଙ୍କ ଚଲାପଥ କୁସୁମିତ ହେଉ ଏତିକି ପ୍ରାର୍ଥନା କରୁଛୁ ।





## ଏହି ସପ୍ତାହ, ସେହି ବର୍ଷ (ଜାନୁଆରୀ ୧୧-୧୭)

### ଏଇ ସପ୍ତାହ


ଜାନୁଆରୀ ୧୧, ୧୯୫୫ -ଆମ ଦେଶରେ ଖବରକାଗଜ ପାଇଁ ଉଦ୍ଦିଷ୍ଟ ପେପର୍ ତିଆରି ଆରମ୍ଭ ହୋଇଥିଲା।





ଜାନୁଆରୀ ୧୨, ୨୦୦୭-ଅମୀର ଖାନଙ୍କ ଫିଲ୍ମ 'ରଙ୍ଗ୍ ଦେ ବାସନ୍ତୀ' ବାଫ୍ଟା ପାଇଁ ନାମାଙ୍କିତ ହୋଇଥିଲା।





ଜାନୁଆରୀ ୧୩, ୧୮୯୮-କାଳୀପୂଜା ଅବସରରେ ପୂଜ୍ୟମାତା ସାରଦା ଦେବୀ, ନିବେଦିତା ବିଦ୍ୟାଳୟର ଉଦ୍‌ଘାଟନ କରିଥିଲେ।



ଜାନୁଆରୀ ୧୪, ୨୦୦୭-ନେପାଳର ଅନ୍ତରୀଣ ସମ୍ବିଧାନକୁ ମଞ୍ଜୁରୀ ମିଳିଥିଲା।



ଜାନୁଆରୀ ୧୫, ୧୭୫୯-ଲଣ୍ଡନରେ ସ୍ଥିତ ମୋଣ୍ଟେଗ୍ୟୁ ହାଉସ୍‌ରେ ବ୍ରିଟିଶ ସଂଗ୍ରହାଳୟର ସ୍ଥାପନା କରାଯାଇଥିଲା।



ଜାନୁଆରୀ ୧୬, ୨୦୦୬-ସମାଜବାଦୀ ନେତା ମାଇକେଲ୍ ବ୍ୟାସେଟ୍ ଚିଲୀର ପ୍ରଥମ ମହିଳା ରାଷ୍ଟ୍ରପତି ଚୟନିତ ହୋଇଥିଲେ।



ଜାନୁଆରୀ ୧୭, ୧୯୮୫-ଭାରତୀୟ କ୍ରିକେଟର୍ ଆଝାରୁଦ୍ଦିନ, ଇଂଲଣ୍ଡ ବିପକ୍ଷରେ ଦ୍ୱିତୀୟ ଟେଷ୍ଟ ଶତକ ଲଗାଇଥିଲେ।





### ସଡ଼କ ସୁରକ୍ଷା ମାସ

# ‘ଶିକ୍ଷାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ’

**ନାଟ୍ୟସାରଥି ଅଭୟ କୁମାର ଦାସ**


ରାଜ୍ୟସ୍ତରୀୟ ସଡ଼କ ସୁରକ୍ଷା ମାସ ଆରମ୍ଭ ହୋଇଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷାକୁ ଜୀବନର ଏକ ଅଂଶ କରିବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଗତ ବର୍ଷର ସ୍ଲୋଗାନ ଥିଲା ‘ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ’ । ଚଳିତ ବର୍ଷର ବାର୍ତ୍ତା ରହିଛି ‘ଶିକ୍ଷାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ’ । ଏକ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ରାଜ୍ୟରେ ୧୦ ବର୍ଷରେ ୪୫ ହଜାର ଲୋକଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଏଥିରୁ ୭୦% ଅର୍ଥାତ୍ ପ୍ରାୟ ୩୧,୫୦୦ (୭୦%) ଜଣ ଯୁବବର୍ଗର । ଏମାନେ ସେମାନଙ୍କର ପରିବାରର ରୋଜଗାରକ୍ଷମ ସଦସ୍ୟ ଥିଲେ । ରାଜ୍ୟରେ କୋଭିଡ୍ ଆଦି କାରଣରୁ ମୃତ୍ୟୁକୁ ନେଇ ହଇଚଇ ହେଉଥିବାବେଳେ ସଡ଼କ ଦୁର୍ଘଟଣାଜନିତ ଏହି ପରିସଂଖ୍ୟାନ ହୃଦୟ ଥରାଇ ଦେବାଭଳି । ଆହୁରି ବଡ଼ କଥା ହେଉଛି, କେବଳ ୨୦୨୪ ମସିହାରେ ରାସ୍ତା ମରାମତି ଓ ନିର୍ମାଣ ସ୍ଥାନରେ ୫୦୦ ଲୋକ ଜୀବନ ହରାଇଛନ୍ତି ।

ଏସବୁ ପରିସଂଖ୍ୟାନ କୌଣସି ଘରୋଇ ସଂସ୍ଥାର ନୁହେଁ । ବର୍ତ୍ତ ନିକଟରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ ସଡ଼କ ସୁରକ୍ଷା ପରିଷଦ ବୈଠକରେ ପରିବହନ ବିଭାଗ ଓ ପୁଲିସ ସରକାରଙ୍କୁ ଏହି ତଥ୍ୟ ପ୍ରଦାନ କରିଛନ୍ତି । ଉଦ୍‌ବେଗର ବିଷୟ ହେଉଛି, ସବୁ ବର୍ଷ ସମସ୍ତେ ଦୁର୍ଘଟଣାକୁ ନେଇ ଏମିତି ଚିନ୍ତାପ୍ରକଟ କରୁଛନ୍ତି ଏଇଆ କରିଦେବୁ, ସେଇଆ କରିଦେବୁ... ଏମିତି ସବୁ ଆଲୋଚନା ହେଉଛି, ଯାହାର ପୁନରାବୃତ୍ତି ଏ ବର୍ଷ ବି ଘଟିଲା ।

ସରକାରଙ୍କ ପରିସଂଖ୍ୟାନ କହୁଛି ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବଢ଼ିବାରେ ଲାଗିଛି । ଏପରିକି ଗତ ବର୍ଷ ଜାନୁଆରୀରୁ ଜୁନ ତୁଳନାରେ ଚଳିତବର୍ଷ ଏହି ସମୟରେ ୧୧% ଅଧିକ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଛି । ଦୁର୍ଘଟଣାଜନିତ ମୃତ୍ୟୁର କାରଣ ଖରାପ ରାସ୍ତା ଡିଜାଇନିଂ, ଖାଲଖମା ଭର୍ତ୍ତି ରାସ୍ତା, ରାସ୍ତାକଡ଼ରେ ଜବରଦଖଲ, ସଡ଼କ ସୁରକ୍ଷା ନେଇ ସଚେତନତା ଅଭାବ, ଜରୁରୀକାଳୀନ ଚିକିତ୍ସା ଅଭାବ, ସର୍ବୋପରି ନିଶା ସେବନ କରି ଗାଡ଼ିଚାଳନା । ମିଳିଥିବା ସୂଚନା ଅନୁସାରେ, ଏହି ବୈଠକରେ ନିଜେ ପୁଲିସ ଡିଜି ଉଦ୍‌ବେଗର ସହ କହିଥିଲେ ଯେ ୨୦୨୪ରେ ରାସ୍ତା ମରାମତି ଓ ନିର୍ମାଣ ସ୍ଥାନରେ ପ୍ରାୟ ୫୦୦ ଜଣଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ଏହାର ପ୍ରମୁଖ କାରଣ ହେଉଛି ରାସ୍ତା ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କି ରାସ୍ତା ନିର୍ମାଣକାରୀ ସଂସ୍ଥା ଆବଶ୍ୟକୀୟ ସର୍ତ୍ତକତାମୂଳକ ପଦକ୍ଷେପ ନେଇନାହାନ୍ତି । ତେଣୁ ଏଣିକି ଅଧିକାରୀ ଓ ସଂସ୍ଥାଙ୍କ ଅବହେଳାକୁ ଗ୍ରହଣ କରାଯିବନାହିଁ । ଯଦି ରାସ୍ତା ମରାମତି, ନିର୍ମାଣ ହେଉଥିବା ସ୍ଥାନରେ କୌଣସି ଦୁର୍ଘଟଣାଜନିତ ମୃତ୍ୟୁ ହୁଏ ତେବେ ମୋଟର ଯାନ ଆଇନ ଅନୁସାରେ ଇଞ୍ଜିନିୟର, ନିର୍ମାଣକାରୀ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ହେଲେ ନିର୍ଦ୍ଦିଷ୍ଟ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, କିଏ ପଦକ୍ଷେପ ନେବେ, ସେ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରି ହୋଇନାହିଁ । ଏହାସହ ପୁଲିସ ଡିଜି ଏକଥା ବି କହିଥିଲେ ଯେ, ସଡ଼କ ଦୁର୍ଘଟଣା କ୍ଷେତ୍ରରେ, ପୁଲିସ ପ୍ରଥମେ ଆହତଙ୍କ ପାଖରେ ପହଞ୍ଚିଥାଏ । ତେଣୁ ପୁଲିସକୁ ନିୟମିତ ପ୍ରଶିକ୍ଷଣ, ଆବଶ୍ୟକୀୟ ଭିତ୍ତିଭୂମି ଏବଂ ଉପକରଣ ଯୋଗାଇବା ଦରକାର । ଏହା ମିଳିଲେ ହିଁ ଆମେ ସୁପ୍ରିମକୋର୍ଟ ସଡ଼କ ସୁରକ୍ଷା କମିଟି ପକ୍ଷରୁ ନିୟମିତ ଜାରି ହେଉଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ କାମ କରିପାରିବୁ ।

ବୈଠକରୁ ମିଳିଥିବା ତଥ୍ୟ ଆହୁରି କହୁଛି ଯେ, ବହୁ ଅଣପ୍ରାପ୍ତ ବୟସ୍କ ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଉଛନ୍ତି । ତେଣୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଆଦୌ ନିର୍ଦ୍ଦେଶନାମା ମାନୁ ନଥିବା ଅଧିକାରୀଙ୍କ ବିରୋଧରେ ବି କୌଣସି ଦଣ୍ଡବିଧାନ ହୋଇନାହିଁ । ସ୍ପଷ୍ଟ ଭାବେ କହିଲେ ନିୟମ ଉଲ୍ଲଂଘନକାରୀ, ବେପରୁଆ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରିବାକୁ ନିୟମ ହୋଇଥିଲେ ବି ତାହା କଡ଼ାକଡ଼ି ଲାଗୁ ହେଉନି ।






ଏଠାରେ ପ୍ରକାଶ ଥାଉକି ଗତ ବର୍ଷ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ୫,୨୧,୪୪୯ ଜଣ ଟ୍ରାଫିକ ଉଲ୍ଲଂଘନକାରୀ ପୁଲିସ ଦ୍ୱାରା ଧରାପଡ଼ିଥିବାବେଳେ ଏଥିରୁ ମାତ୍ର ୪.୪୬% ଅର୍ଥାତ୍ ୨୩,୨୯୪ ଜଣଙ୍କ ଲାଇସେନ୍ସ ବାତିଲ ପାଇଁ ଆରଟିଓ ଗୁଡ଼ିକୁ ପଠାଯାଇଛି । ସେହିପରି ଏହି ସମୟରେ ସଡ଼କ ସୁରକ୍ଷା ଉଲ୍ଲଂଘନ ନେଇ ଆରଟିଓଗୁଡ଼ିକ ୧୨୯୭୯୪ଟି ଇ-ଚାଲାଣ କରିଥିବାବେଳେ ଏଥିରୁ ମାତ୍ର ୧୯.୨% ଅର୍ଥାତ୍ ୨୪୬୯୨ଟି ଲାଇସେନ୍ସ ବାତିଲ କରାଯାଇଛି । ବହୁ ଲାଇସେନ୍ସ ତିନି ମାସ ପାଇଁ ବାତିଲ ହେବା ପରେ ବି ଉକ୍ତ ଲାଇସେନ୍ସଧାରୀ ଏହି ସମୟରେ ଗାଡ଼ି ଚଳାଉଛନ୍ତି । ଜଣେ ଅଧିକାରୀ କହିଛନ୍ତି ଯେଉଁମାନଙ୍କର ଡ୍ରାଇଭିଂ ଲାଇସେନ୍ସ ବାତିଲ ହେଉଛି ସେଗୁଡ଼ିକ ପୁଲିସ ଓ ଆରଟିଓର ଇ-ଚାଲାଣ ସହ ସଂଯୋଗ କରିବା ତଥା ପୁଲିସକୁ ଦେବାକୁ ସ୍ଥିର ହୋଇଛି । ସେହିପରି ଶୀତଋତୁରେ ରାତିରେ ଘନ କୁହୁଡ଼ି ଯୋଗୁଁ ଅଧିକ ଦୁର୍ଘଟଣା ହେଉଥିବାରୁ ଏହାର ପ୍ରତିକାର ପାଇଁ ବ୍ୟାକ୍‌ଲାଇଟ୍ ଓ ରିଫ୍ଲେକେଟିଭ ଟେପ୍ ଲଗାଉଥିବା ଗାଡ଼ି ମାଲିକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ହୋଇଛି । ଏହା ଚଳିତ ମାସରୁ କଡ଼ାକଡ଼ି ଲାଗୁ ହେବ । ରାସ୍ତା ଉପରେ ବସ, ଟ୍ରକ ଭଳି ବଡ଼ ଗାଡ଼ି ପାର୍କିଂ ନକରିବାକୁ ବସ ଓ ଟ୍ରକ ମାଲିକ ସଂଘକୁ କୁହାଯାଇଛି । ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ତାହା ସମଗ୍ର ଭାରତରେ ସବୁ ରାଜ୍ୟଙ୍କ ଭିତରେ ଶ୍ରେଷ୍ଠ ଓ ଉଦାହରଣ ସୃଷ୍ଟିକାରୀ ରାଜ୍ୟ ।

**ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭**



## ସାଇବର ଆପରାଧ

ଗଦାଧର ବଳ, ଆଇନଜୀବୀ

# ସାଇବର ଅପରାଧ କଣ ?



କୌଣସି କମ୍ପ୍ୟୁଟର, କମ୍ପ୍ୟୁଟର ନେଟ୍‌ୱାର୍କ କିମ୍ବା କମ୍ପ୍ୟୁଟର ଡିଭାଇସ୍‌କୁ ଟାର୍ଗେଟ କରି ଅକାମି କରିଦେବାକୁ ସାଧାରଣତଃ ସାଇବର କ୍ରାଇମ କୁହାଯାଏ। ଟଙ୍କା ହଡପ ଉଦ୍ଦେଶ୍ୟରେ ସାଇବର ଅପରାଧୀ ବା ହ୍ୟାକରମାନେ ଏମିତି ବେଆଇନ କାମରେ ନିଜକୁ ନିୟୋଜିତ କରିଥାନ୍ତି। କେବେ କେବେ କିଛି ନିର୍ଦ୍ଦିଷ୍ଟ ରାଜନୈତିକ କିମ୍ବା ବ୍ୟକ୍ତିଗତ ଲକ୍ଷ୍ୟ ହାସଲ ପାଇଁ ସାଇବର ଅପରାଧୀମାନେ ନିଜର ଉଦ୍ଦେଶ୍ୟ ସାଧନ ପାଇଁ କମ୍ପ୍ୟୁଟର କିମ୍ବା ନେଟ୍‌ୱାର୍କରେ ମଧ୍ୟ କ୍ଷତି ଘାଟାଇଥାନ୍ତି। କିଛି କ୍ଷେତ୍ରରେ ଏମିତି ଅପରାଧକୁ ଜଣେ କିମ୍ବା ଏକାଧିକ ବ୍ୟକ୍ତି ବା ନିର୍ଦ୍ଦିଷ୍ଟ ସଂଗଠନ ନିଜର ଅତ୍ୟାଧୁନିକ ଜ୍ଞାନ କୌଶଳ ଓ ଉଚ୍ଚ ଶିକ୍ଷାଗତ ଯୋଗ୍ୟତାଧାରୀ ବ୍ୟକ୍ତି ନିଜର ବିଜ୍ଞତା ଦ୍ୱାରା ନିୟନ୍ତ୍ରିତ କରିଥାନ୍ତି। ବେଳେବେଳେ ଅନଭିଜ୍ଞ ହ୍ୟାକର ମଧ୍ୟ ଏଭଳି କାମରେ ନିୟୋଜିତ ହୋଇଥାନ୍ତି, ଯେଉଁମାନଙ୍କୁ ପୋଲିସ ଧରି ପକାଇ ଆଇନର କାଠଗଡାକୁ ଟାଣେ।

### ସାଇବର କ୍ରାଇମ କେତେ ପ୍ରକାର ଓ କଣ କଣ ?

**ଆଇନ ଦୃଷ୍ଟିରୁ ସାଇବର କ୍ରାଇମ ଆଇନଗତ ଅପରାଧ ଶ୍ରେଣୀଭୁକ୍ତ ଅଟେ। ଯେମିତି କି :**







୧-ଇ-ମେଲ କିମ୍ବା ଇଂଟରନେଟ ଫ୍ରଡ।
୨-ପରିଚୟ ବା ବ୍ୟକ୍ତିଗତ ତଥ୍ୟ ଫ୍ରଡ ବା ତଥ୍ୟ ଚୋରି।
୩-ଅନ୍ୟାୟ ଭାବରେ କୌଣସି ସାଇବର ଥେପ୍ଟ ବା କିଛି ନିର୍ଦ୍ଦିଷ୍ଟ ସଂପତ୍ତିର ତଥ୍ୟ ବା ଆର୍ଥିକ ନେଣଦେଣ କାର୍ଡ ଦ୍ୱାରା ହସ୍ତାନ୍ତର ବା ବେଆଇନ ଭାବରେ ଏହାର ଡାଟାକୁ ଚୋରାଇ ନେବା।
୪-କୌଣସି କମ୍ପାନୀର ଡାଟା କିମ୍ବା ବିକ୍ରୟ ଲବ୍ଧ ଅର୍ଥକୁ ଚୋରି କରିବା।
୫-ବେଆଇନ ଟଙ୍କା ଦାବୀ କରି ଅର୍ଥ ଲାଳସାରେ ଧମକ ଦେଇ ସାଇବର ଏକ୍ସ୍ଟ୍ରୋସନ କରିବା।
୬-ରେନସମ ଆଟାକ ବା କିଛି ଅନ୍ୟାୟ ବାଟରେ ଅର୍ଥ ଦାବୀ।
୭-କ୍ରିପ୍ଟୋ କରେନ୍ସି ଭଳି ମାଧ୍ୟମରେ ଲାଭାଂଶ ଅର୍ଥକୁ ହାତେଇବା ଆଶା ରଖି କ୍ରିପ୍ଟୋ ଜ୍ୟାକିଂ।
୮-ସରକାରୀ ତଥ୍ୟ ବା କମ୍ପାନୀର ତଥ୍ୟକୁ ହ୍ୟାକିଂ କରି ସାଇବର ଏସ୍ପିଓନେଜ କରିବା।
୯-କମ୍ପ୍ୟୁଟର ସିଷ୍ଟମକୁ ହ୍ୟାକ୍ କରି ନେଟୱାର୍କ ସହାୟତାରେ ବେଆଇନ ତାଥା ଅପରାଧିକ କାମ କରିବା।
୧୦-ବେଆଇନ ଭାବରେ କପି ରାଇଟକୁ ଅବମାନନା କରିବା।
୧୧-ବେଆଇନ ଜୁଆ ଖେଳ କରିବା।
୧୨- ଅନ୍‌ଲାଇନ ମାଧ୍ୟମରେ ବେଆଇନ ଭାବରେ ଜିନିଷପତ୍ର କ୍ରୟ, ବିକ୍ରୟ କରିବା ।
୧୩-ବେଆଇନ ଧମକପୂର୍ଣ୍ଣ ଭାବରେ ଲୋକମାନଙ୍କୁ ଭ୍ରମିତ କରିବା ପାଇଁ କୋମଳମତି ପିଲାମାନଙ୍କର ଅସଂଯତ ଭିଡିଓ ଉତ୍ତୋଳନ କିମ୍ବା ଫୋଟ ଉଠାଇ ବ୍ଲାକମେଲିଂ କରିବା।

ଏ ସମସ୍ତ ଅପରାଧଗୁଡିକ ସାଧାରଣତଃ ସାଇବର କ୍ରାଇମ ଶ୍ରେଣୀ ଭୁକ୍ତ ଅଟେ। ଏସବୁ ବାଦ ସାଇବର କ୍ରାଇମ ପାଇଁ ଅପରାଧୀମାନେ ବିଭିନ୍ନ ସମୟରେ ନୂଆନୂଆ ତରିକା ଆପଣେଇ ଥାଆନ୍ତି, ଯାହା ଦିନକୁ ଦିନ ସାଇବର ଅପରାଧ ନିୟନ୍ତ୍ରଣ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଯେମିତି କି ...

ଭାଇରସ ବା ବିଭିନ୍ନ ପ୍ରକାର ମାଲୱ୍ୱାର ସହାୟତାରେ ଅପରାଧୀମାନେ ଅନେକ କମ୍ପ୍ୟୁଟରକୁ ଅକାମୀ କରି ପକାଇବା ଓ କମ୍ପ୍ୟୁଟର ସହାୟତାରେ ବିଭିନ୍ନ ପ୍ରକାର ନୂଆନୂଆ ଅପରାଧ ଘଟାଇଥାନ୍ତି।

ମାଲୱ୍ୱାର ସହାୟତାରେ କମ୍ପ୍ୟୁଟର ଓ ଡିଭାଇସ୍‌କୁ ଅକାମୀ ଓ ଅଚଳ କରି ଦେବା ସହ ଏଥିରେ ଥିବା ଡାଟା ଓ ତଥ୍ୟକୁ ଅପରାଧୀମାନେ ହ୍ୟାକ କରିବା ସହ ଚୋରାଇ ନେବାର ପ୍ରୟାସ କରିଥାନ୍ତି, ଯାହା ଫଳରେ କମ୍ପ୍ୟୁଟର ସଂପୂର୍ଣ୍ଣ ଅକାମୀ ହୋଇ ଯାଇଥାଏ। ଏପରିକି ଅପରାଧୀମାନେ କୋଣସି ନିଜସ୍ୱ ଆପ୍ଲିକେସନ ବ୍ୟବହାର କରି ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକର ଡାଟାକୁ ହ୍ୟାକ୍ କରିବା ସହ ସେମାନଙ୍କ ଗ୍ରାହକମାନଙ୍କ ସହ ବ୍ୟବସାୟିକ ସମ୍ପର୍କରେ ପ୍ରତିବନ୍ଧକ ସୃଷ୍ଟି କରିଥାନ୍ତି, ଯାହାକୁ ଡିନାଏଲ ଅଫ୍ ସର୍ଭିସ (ଡି.ଓ.ଏସ) ଆଟାକ କୁହାଯାଏ।

ଆହୁରି ମଧ୍ୟ କମ୍ପ୍ୟୁଟର ବ୍ୟବହାର କରି ଅନ୍ୟ ଅପରାଧିକ କାମରେ ଲିପ୍ତ ରହିବା ସହ କମ୍ପ୍ୟୁଟର କିମ୍ବା ନେଟୱ୍ୱାର୍କ ଜରିଆରେ ମାଲୱ୍ୱାର, ଅନୈତିକ ତଥ୍ୟ, ବେଆଇନ ଫଟୋ ବା ଛବିକୁ ଭାଇରାଲ କରି ଦେଇଥାନ୍ତି। ସାଇବର ଅପରାଧୀମାନେ ଏ ସବୁକୁ ଏକାସାଥିରେ କରିବା ସହ ସେମାନେ କମ୍ପ୍ୟୁଟରକୁ ଭାଇରସ୍ ଦ୍ୱାରା କବଳିତ କରି ନେଇ ନିଜ ଆୟତ୍ତକୁ ନେବାରେ ସକ୍ଷମ ହୋଇଥାନ୍ତି। ତା'ପରେ ମାଲୱ୍ୱାର ସହାୟତାରେ ସେ ସବୁକୁ ଅନ୍ୟ ଏକ ନେଟୱ୍ୱାର୍କ ସହାୟତାରେ ସାର୍ବଜନିନ କରି ଦେଇଥାନ୍ତି। ଏପରିକି ଚୋରେଇ ନେଇଥିବା ସମସ୍ତ ତଥ୍ୟକୁ ଆଉ ଗୋଟିଏ କମ୍ପ୍ୟୁଟରରେ ମହଜୁଦ କରି ରଖିଦିଅନ୍ତି।

ସାଇବର ଅପରାଧ ସଂର୍ପକରେ ଆଇନରେ କଣ ରହିଛି ?

ସାଇବର ଅପରାଧ ଗୁଡିକ ରୋକିବା ପାଇଁ ଆମ ଦେଶରେ ୨୦୦୦ ମସିହାରୁ ଇନ୍‌ଫରମେସନ ଏଣ୍ଡ ଟେକ୍ନୋଲୋଜି ଆକ୍ଟ କାର୍ଯ୍ୟ କରି ଆସୁଛି। ନୂଆକରି ପ୍ରଣିତ ଭାରତୀୟ ନ୍ୟାୟ ସଂହିତାରେ ଥିବା ଚୋରୀ, ଠକେଇ, ଜାଲିଆତି, ମାନହାନୀ, ପ୍ରବଞ୍ଚନା ଆଦି ଦଫାରେ ସଂପୃକ୍ତ ଅପରାଧୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ। ଦଫା ୬୬ ଅନୁଯାୟୀ କୌଣସି ଲୋକ ବେଆଇନ ଭାବରେ ସାଇବର ଅପରାଧ ଘଟାଇଲେ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ଲକ୍ଷ ଟଙ୍କା ଯାଏ ଜୋରିମାନା ଆଦାୟ କରାଯିବାର ବ୍ୟବସ୍ଥା ରହିଛି। ସେହି ଆଇନର ଚେପ୍ଟର ୯ ଧାରା-୪୩ ଅନୁଯାୟୀ କୌଣସି କମ୍ପ୍ୟୁଟର ସିଷ୍ଟମ ମାଲିକର ଅନୁମତି ବିନା ତଥ୍ୟ ଦେଖିଲେ, ଡାଟା ଡାଉନଲୋଡ୍ ବା ଡାଟା ହେରଫେର କଲେ, କୌଣସି ଭାଇରସ୍‌କୁ ସେଥିରେ ପ୍ରବେଶ କରାଇଲେ ୧ କୋଟି ଟଙ୍କାର ଜୋରିମାନା ଦେବା ପାଇଁ କୁହାଯାଇଛି। ସେହିପରି ଧାରା ୬୬ ଅନୁଯାୟୀ କମ୍ପ୍ୟୁଟରର ଦସ୍ତାବିଜ୍‌କୁ ଲୁଚେଇବା, ନଷ୍ଟ କରିବା ବା ଏଥିରେ ସହାୟତା କାମ କଲେ ୭ ବର୍ଷ ଜେଲଦଣ୍ଡ ସହ ୨ ଲକ୍ଷ ଟଙ୍କା ଜୋରିମାନା ପ୍ରାବଧି ରହିଛି। ତତ୍ ସହ ଯଦି ନିୟୋଜନର ସହାୟକ ହେଲେ ୭ ବର୍ଷ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି। ଭାରତୀୟ ନ୍ୟାୟସଂହିତାର ଧାରା ୩୦୩, ୩୧୪, ୩୧୮ ଆଦିରେ ମଧ୍ୟ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି। ଇତି ମଧ୍ୟରେ ଦଫା ୬୬(କ)କୁ ମାନ୍ୟବର ସର୍ବୋଚ୍ଚ ଅଦାଲତ ସ୍ରେୟା ସିଂଘଲ ବନାମ କେନ୍ଦ୍ର ସରକାର ମାମଲାର ରାୟ ପ୍ରକାଶନ ବେଳେ ଅସାମ୍ବିଧାନିକ ବୋଲି ଘୋଷଣା କରି ସାରିଛନ୍ତି।




ସେହିପରି ଧାରା- ୬୬ (ଇ) ବାରମ୍ବାର ସାଇବର ଆକ୍ରମଣ ପାଇଁ ଜେଲ ଦଣ୍ଡ ୭ ବର୍ଷ ଓ ଜୋରିମାନା, ୬ (ସି) ତଥ୍ୟ ସଂଗ୍ରକ୍ଷିତ ରଖିବା ଅପବ୍ୟବହାର କରିବା ଅପରାଧ ପାଇଁ ସର୍ବାଧିକ ୩ ବର୍ଷ ଜେଲ ଦଣ୍ଡ ସହ ଜୋରିମାନା, ୬୬(ଡି) ମିଥ୍ୟା ପ୍ରବଞ୍ଚନାପୂର୍ଣ୍ଣ ବିଜ୍ଞାପନ ପ୍ରସାରଣ କରି ଗ୍ରାହକମାନଙ୍କୁ ଭ୍ରମିତ କରିବା ସହ ନିଜେ ଲାଭବାନ ହେଲେ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଜୋରିମାନା କ୍ଷମତା କୋର୍ଟମାନଙ୍କୁ ଦିଆଯାଇଛି।

ସାଇବାର ଅପରାଧ ବିଷୟରେ ସଚେତନତା ପାଇଁ ସରକାରୀ ସ୍ତରରେ ବିଭିନ୍ନ ପ୍ରୟାସ ହେବା ସହ ଆଇନ ଛାତ୍ରମାନଙ୍କୁ ଇଣ୍ଟରନେଟ, ଡିଜିଟାଲ କମ୍ୟୁନିକେସନ, ସାଇବର କ୍ରଇମ, ଡାଟା ପ୍ରୋଟେକସନ ଓ ଆଇ.ଟି. ରେଗୁଲେସନ ବିଷୟରେ ପଢା ଯାଉଛି।

### ସାଇବର ଅପରାଧ ପାଇଁ ଅଭିଯୋଗ କରିବେ କେମିତି ?

ବିଶ୍ୱରେ ଅନ୍ୟ ଦେଶ ଗୁଡିକରେ ଅଭିଯୋଗ କରିବାର ପ୍ରଣାଳୀ ଭିନ୍ନ ଭିନ୍ନ। ଯେପରିକି ଅଷ୍ଟ୍ରେଲିଆରେ ଅଷ୍ଟ୍ରେଲିଆନ ସାଇବର ସିକ୍ୟୁରିଟି ସେଣ୍ଟର, ୟୁରୋପରେ ୟୁରୋପୋଲ, ହଂକଂରେ ଆଣ୍ଟି ଡିସେପସନ୍ କୋ ଅର୍ଡିନେସନ ସେଣ୍ଟର, ନ୍ୟୁଜିଲାଣ୍ଡରେ ନେଟସେଫ୍, ଥାଇଲାଣ୍ଡରେ ଥାଇ ହଟ୍ ଲାଇନ ଇନ ଥାଇଲାଣ୍ଡ ସେହି ପରି ଆମ ଭାରତରେ ସାଇବର କ୍ରାଇମ ପୋର୍ଟାଲ ଦ୍ୱାରା ଆଭିଯୋଗ କରାଯାଇପାରିବ।

**ପ୍ରଗତି ବିହାର, ସାଳନ୍ଦୀ ବିହାର, ବାଇପାସ, ଭଦ୍ରକ**
**ମୋ-୯୪୩୭୧୨୮୮୪୧**



ଅନୁ

ଅପେରା ଆଇଟମ୍

ଶ୍ରୀଗୋବିନ୍ଦ

# ପୁରୁଣା ନାଟକ ନୂଆ ରିମେକ୍

ଯାତ୍ରାରେ ନାଟକ ମନଛୁଆଁ ଏତେ ହୋଇପାରୁନାହିଁ ବୋଲି ଦର୍ଶକମାନେ ଯେଉଁ ମତ ଦେଉଛନ୍ତି, ତାହା ସତ୍ୟ ନହେଲେ ବି ମିଥ୍ୟା ନୁହେଁ। ଯାତ୍ରାରେ ସାମାଜିକ ନାଟକ ପରିବେଷଣ ହେବା ପରେ ପରୀକ୍ଷାନିରୀକ୍ଷା ଭାବରେ କିଛି ନାଟକ ସେତେ ବ୍ୟବସାୟିକ ସଫଳତା ହାସଲ କରି ନଥିଲେ ବି ପରବର୍ତ୍ତୀ ସମୟରେ ଅନେକ ସୁନ୍ଦର ନାଟକ ପ୍ରସ୍ତୁତ ହୋଇଥିଲା। ଯାହା ଆଜିଯାଏ ବି ଦର୍ଶକମାନେ ମନେ ରଖିଛନ୍ତି। କାହାଣୀ, ସଂଳାପ ସାଙ୍ଗକୁ ନିର୍ଦ୍ଦେଶନା ମଧ୍ୟ ସେମିତି ଦମଦାର ହୋଇଥିଲା। ଅନେକ ନାଟକ ମଧ୍ୟ କାଳଜୟୀ ଭାବରେ ଦର୍ଶକ ମନେ ରଖିଛନ୍ତି।



ଆଜିକା ଦିନରେ ଅନେକ କଳାକାର ଯେଉଁମାନେ ଅଧିକ ଦରମାରେ ଯାତ୍ରାରେ କାମ କରୁଛନ୍ତି, ସେହିମାନେ ହିଁ ସେତେବେଳେ ସେହିସବୁ ନାଟକ ମାଧ୍ୟମରେ ଆଗକୁ ଆସିଥିଲେ। ଲୋକମାନଙ୍କ ପାଖରେ ସେମାନେ ଏଭଳି ଚରିତ୍ରରେ ଅଭିନୟ କରିଥିଲେ ଯେ, ଲୋକମାନେ ସେହିଦିନରୁ ଜଣେ ଭଲ କଳାକାର ଭାବରେ ଆଜିଯାଏ ଖୋଜୁଛନ୍ତି। ଆଜି ଅଉ ସେଭଳି ନାଟକ ନାହିଁ ବୋଲି ଦର୍ଶକ ଯେଉଁ ଅଭିଯୋଗ ଆଣୁଛନ୍ତି, ଯଦି ସେମାନଙ୍କ କଥା ରଖି ପୁରୁଣା ନାଟକଗୁଡ଼ିକୁ ରିମେକ୍ କରାଯାଆନ୍ତା, କେମିତି ହୁଅନ୍ତା! ପୁରୁଣା ନାଟକଗୁଡ଼ିକ ମଧ୍ୟରୁ କିଛି ଭଲ ନାଟକକୁ ଯଦି ପୁଣିଥରେ ପ୍ରଦର୍ଶନ ପାଇଁ ପ୍ରଯୋଜକମାନେ ଅଣ୍ଟା ଭିଡ଼ନ୍ତେ, ହୁଏତ ଭଲ ହୋଇପାରନ୍ତା। ଯେଉଁ ନାଟ୍ୟକାର ଓ ନିର୍ଦ୍ଦେଶକମାନେ କାଳଜୟୀ ନାଟକ ପ୍ରସ୍ତୁତ କରିବାରେ ବିଶେଷ ଭୂମିକା ନେଇଥିଲେ, ସେମାନେ ଯଦି ସମୟାନୁସାରେ ଆଂଶିକ ସଂଶୋଧନ କରି ନାଟକକୁ ଦର୍ଶକଙ୍କ ପାଇଁ ପରିବେଷଣ କରନ୍ତେ, ବେଶ ଭଲ ହୁଅନ୍ତା ବୋଲି ଦର୍ଶକ କୁହନ୍ତି।



ସେତେବେଳେ ନାଟକଗୁଡ଼ିକ ଦର୍ଶକଙ୍କୁ ଯେଭଳି ଭାବରେ ବାନ୍ଧି ରଖିଥିଲା, ଆଜିକାଲି କେଉଁ କାରଣରୁ ନାଟକ ଏତେ ଭଲ ହୋଇପାରୁନାହିଁ ବୋଲି ଯେଉଁ ଦର୍ଶକମାନେ କହୁଛନ୍ତି, ତାହାର କାରଣ ଖୋଜିବାକୁ ହୁଏତ ନାଟ୍ୟକାର ଓ ନିର୍ଦ୍ଦେଶକ, ପ୍ରଯୋଜକଙ୍କ ସମୟ ନାହିଁ ଅଥବା ସେମାନେ ଜାଣିଥିଲେ ସୁଦ୍ଧା ସଂଶୋଧନ କରିବାକୁ କାହିଁକି ଚାହୁଁ ନାହାନ୍ତି, ତାହା ବି ଏକ ଜଟିଳ ପ୍ରଶ୍ନ। ନାଟକ ବର୍ଷକ ଆଗରୁ ଲେଖାଯିବା କିମ୍ବା ନାଟକ ଲିଖନ ପରେ ପୁନଃ ବିଚାରକୁ ନେଇ ପରିବର୍ତ୍ତନ କରିବା ଭଳି ପ୍ରକ୍ରିୟା ପ୍ରାୟ ଆଜିକାଲି ଦେଖିବାକୁ ମିଳୁନାହିଁ। ଯାତ୍ରାକୁ ଯାଇ ଅନ୍ ଦି ସ୍ପଟ୍ ନାଟକ ଲେଖିବା ଓ କଳାକାରଙ୍କୁ ନେଇ ନାଟକ ପ୍ରସ୍ତୁତ କରିବା ଓ କମ୍ ସମୟ ସୀମା ମଧ୍ୟରେ ନାଟକ ସାରିବା ଭଳି ଲକ୍ଷଣ ବୋଧେ ଭଲ ନାଟକ ପ୍ରସ୍ତୁତ କରିବା ପାଇଁ ପ୍ରତିବନ୍ଧକ ସାଜୁଛି। ପାରିଶ୍ରମିକ ଅଧିକ ନାଟ୍ୟକାର ଓ ନିର୍ଦ୍ଦେଶକଙ୍କୁ ନମିଳିବା କାରଣରୁ ସେମାନେ ଅଧିକରୁ ଅଧିକ ନାଟକ ପ୍ରସ୍ତୁତ କରିବା ମଧ୍ୟ ଆଉ ସମସ୍ୟା ଭଲ ନାଟକ ସୃଷ୍ଟି କରିବାରେ ବୋଲି ଜଣେ ନାଟ୍ୟକାର ମତ ଦେଇଛନ୍ତି। ଆଜିକାଲିକା ମହଙ୍ଗା ଦୁନିଆରେ ନାଟକ ଲେଖି ନିଜର ପରିବାର ପ୍ରତିପୋଷଣ କରିବା ଓ ସାମାଜିକସ୍ତରରେ ନିଜର ଆତ୍ମସମ୍ମାନ ବଞ୍ଚେଇ ରଖି ବଞ୍ଚିବା ପାଇଁ ଅଧିକ ରୋଜଗାରର ଆବଶ୍ୟକତା ଅନେକ ରହିଛି। ସେତିକି ଯଦି ମିଳିପାରିବ ନାହିଁ, ଭଲ ନାଟକ ଆଶା କରିବା ବି ବୃଥା। ଏମିତି ଅନେକ କାରଣକୁ ନେଇ ଭଲ ନାଟକ ନଉତୁରିବାର କାରଣ ହୋଇପାରେ। ଏପରି ସ୍ଥଳେ କିଛି ଭଲ ନାଟକ ସୃଷ୍ଟି କରାଯିବା ସହିତ କିଛି ପୁରୁଣା ନାଟକକୁ ରିମେକ୍ କରିବାର ଆବଶ୍ୟକତା ରହିଛି ବୋଲି ମତ ଦିଅନ୍ତି ଜଣେ ସଚେତନ ଦର୍ଶକ।

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com